## ନୂଆ ଧୂସରା

**(ଆଇ. ଇ.ଟି ୧୮୩୯୪):** ଏହା ଏକ ବିଳମ୍ବ (୧୪୫ ଦିନିଆ), ଡେଙ୍ଗା(୧୪୨ ସେ.ମି. ଉଚ୍ଚତା ବିଶିଷ୍ଟ), ଆଲୋକ ସମ୍ବେଦନଶୀଳ ତଥା ଲୋକପ୍ରିୟ କିସମ ଅଟେ । ଓଡ଼ିଶାର ଖାଲୁଆ ଜମିରେ ଚାଷ ପାଇଁ, ୨୦୦୮ ମସିହାରେ ଏହା ବିକଶିତ ଓ ଅନୁମୋଦିତ ହୋଇଥିଲା । ଏହାର ଦାନାଗୁଡିକ ଛୋଟ, ମୋଟା ଏବଂ ହେକ୍ଟର ପିଛା ୩,୦ ଟନ୍ ଅମଳ ଦେଇଥାଏ । ଏହି କିସମ ପତ୍ରାଚ୍ଛଦସଢ଼ା, ବେକଷଣ୍ଢା ମହିଷା ଟୁଂଗ୍ରୋ ରୋଗକୁ ସଂପୂର୍ଣ୍ଣ ପ୍ରତିରୋଧ କରିଥାଏ ଏବଂ କାହାଳିଆ ପୋକକୁ ମଧ୍ୟମ ଧରଣର ପ୍ରତିରୋଧ କରିଥାଏ । ୩-୪ ଦିନ ଜମିରେ ପାଣି ବୁଡିରହିଲେ ମଧ ଏହି କିସମର କୌଣସି ଅସୁବିଧା ହୁଏ ନାହିଁ।




## ଗୀତାଂଜଳୀ

**(ସି ଆର୍ ଏମ୍ ୨୦୦୭-୧):** ଏହା ଏକ ବିଳମ୍ବ (୧୪୫ ଦିନିଆ), ଡେଙ୍ଗା(୧୪୨ ସେ.ମି. ଉଚ୍ଚତା ବିଶିଷ୍ଟ), ଆଲୋକ ସମ୍ବେଦନଶୀଳ ତଥା ଲୋକପ୍ରିୟ କିସମ ଅଟେ । ଓଡ଼ିଶାର ଖାଲୁଆ ଜମିରେ ଚାଷ ପାଇଁ, ୨୦୦୮ ମସିହାରେ ଏହା ବିକଶିତ ଓ ଅନୁମୋଦିତ ହୋଇଥିଲା । ଏହାର ଦାନାଗୁଡିକ ଛୋଟ, ମୋଟା ଏବଂ ହେକ୍ଟର ପିଛା ୩,୦ ଟନ୍ ଅମଳ ଦେଇଥାଏ । ଏହି କିସମ ପତ୍ରାଚ୍ଛଦସଢ଼ା, ବେକଷଣ୍ଢା ମହିଷା ଟୁଂଗ୍ରୋ ରୋଗକୁ ସଂପୂର୍ଣ୍ଣ ପ୍ରତିରୋଧ କରିଥାଏ ଏବଂ କାହାଳିଆ ପୋକକୁ ମଧ୍ୟମ ଧରଣର ପ୍ରତିରୋଧ କରିଥାଏ । ୩-୪ ଦିନ ଜମିରେ ପାଣି ବୁଡିରହିଲେ ମଧ ଏହି କିସମର କୌଣସି ଅସୁବିଧା ହୁଏ ନାହିଁ।



ବିଭିନ୍ନ କିସମର ଜମି ପାଇଁ
କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନର ଧାନ ପ୍ରଜାତି

**ସି.ଆର.ଆର.ଆଇ ବୈଷୟିକ ଇସ୍ତାହାର - ୧୦୮**

©ସମସ୍ତ ସତ୍ତ୍ୱ ସଂରକ୍ଷିତ : ଭାକୃଅନୁପ-କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, ଏପ୍ରିଲ-୨୦୧୫

**ସମ୍ପାଦନା ଏବଂ ପୃଷ୍ଠା ବିନ୍ୟାସ :** ବିଶ୍ୱନାଥ ଷଡ଼ଙ୍ଗୀ ଏବଂ ସନ୍ଧ୍ୟା ରାଣୀ ଦଲାଲ
**ଓଡିଆ ରୂପାନ୍ତର :** ଶ୍ରୀକାନ୍ତ ଲେଙ୍କା, ସୁଶାନ୍ତ କୁମାର ଦାସ ଓ ନିର୍ମଳ ଚନ୍ଦ୍ର ରଥ,
**ସମନ୍ୱୟ :** ଜି.ଏ.କେ. କୁମାର
**ଫଟୋ :** ପ୍ରକାଶ କର ଏବଂ ଭଗବାନ ବେହେରା

**ଟାଇପ୍ ସେଟ୍ :** ଭାକୃଅନୁପ-କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ (ଓଡିଶା) ୭୫୩ ୦୦୬
**ପ୍ରକାଶକ :** ନିର୍ଦ୍ଦେଶକ, କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ
**ମୁଦ୍ରଣ :** ପ୍ରିଣ୍ଟେକ୍ ଅଫସେଟ୍ ପ୍ରା.ଲିଃ., ଭୁବନେଶ୍ୱର

# ବିଭିନ୍ନ କିସମର ଜମି ପାଇଁ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନର ଧାନ ପ୍ରଜାତି

ଏସ୍.କେ. ଦାସ, ଏସ୍.କେ. ପ୍ରଧାନ, ଏମ୍.କେ. କର, ଏସ.ଏସ.ସି. ପଟ୍ଟନାୟକ, ଏଲ୍. ବେହେରା, ଜେ. ମେହେର, ଆନନ୍ଦନ.ଏ, ବି.ସି. ମାରାଣ୍ଡି, ଏସ୍. ଲେଙ୍କା, କେ. ଚଟ୍ଟୋପାଧ୍ୟାୟ, ଓ.ଏନ୍. ସିଂହ ଏବଂ ଟି. ମହାପାତ୍ର



ବିଭିନ୍ନ କିସମର ଜମି ଏବଂ ଜଳସ୍ତର ଯଥା, ପାଣିରେ ବୁଡି ରହୁଥିବା ଜମି, ଜଳ ନିଷ୍କାସିତ ନ ହୋଇ ପାରୁଥିବା ଅଥବା ଭଲଭାବରେ ନିଷ୍କାସିତ ହୋଇପାରୁଥିବା ଜଳସେଚିତ ଜମି ଓ ବର୍ଷାଶ୍ରିତ ଦ୍ୱିପ ଜମିରେ ଧାନ ଚାଷ କରାଯାଇଥାଏ। ଭାରତବର୍ଷରେ ଏପର୍ଯ୍ୟନ୍ତ ୧୦୨୦ ରୁ ଅଧିକ ଧାନ କିସମ ଭିନ୍ନ ଭିନ୍ନ ପ୍ରକାରର ଜମି ପାଇଁ ବିକଶିତ ହୋଇଅଛି (ଧାନ ଗବେଷଣା ନିର୍ଦ୍ଦେଶାଳୟ, ହାଇଦ୍ରାବାଦ, ବୈଷୟିକ ଇସ୍ତାହାର ସଂଖ୍ୟା ୮୩/୨୦୧୪ ରୁ ଉଦ୍ଧୃତ), ଏଗୁଡିକ ମଧ୍ୟରୁ ୧୧୪ ଟି କିସମ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ ଦ୍ୱାରା ବିକଶିତ ହୋଇଅଛି । ବିଭିନ୍ନ ପରିବେଶ ଓ ଭୌଗଳିକ ପରିସ୍ଥିତିରେ ପରିବେଶରେ ଅଧିକ ଧାନ ଉତ୍ପାଦନ ପାଇଁ ସଠିକ୍ ଧାନ କିସମର ଚୟନ ଯଥେଷ୍ଟ ଫଳପ୍ରଦହୋଇଥାଏ। ବିଭିନ୍ନ ପରିସ୍ଥିତିରେ ଏହି କିସମ ଗୁଡିକରୁ ସେମାନଙ୍କର ସମ୍ଭାବିତ ଅମଳ ପାଇବାକୁ ହେଲେ, ଜଳ, ଖାଦ୍ୟସାର, ଆଲୋକ, ତାପ ଓ ତାପମାତ୍ରାର ସଠିକ୍ ମାତ୍ରା ନିହାତି ଆବଶ୍ୟକ । ଅଧିକନ୍ତୁ, କୌଣସି ଏକ ଧାନ କିସମର ଉତ୍ପାଦନ, ସମୟ ଅନୁଯାୟୀ ବୁଣା, ରୁଆ ଏବଂ ଅମଳ ଉପରେ ନିର୍ଭର କରିଥାଏ। ଏହି ପରିପ୍ରେକ୍ଷାରେ, ଅଧିକ ଧାନ ଅମଳ ପାଇବାକୁ ହେଲେ, ଆମକୁ ଧାନ କିସମ ସମ୍ବନ୍ଧରେ ଯଥେଷ୍ଟ ଜ୍ଞାନ ଅର୍ଜନ କରିବା ଅତ୍ୟନ୍ତ ଆବଶ୍ୟକ । କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନରୁ ବିକଶିତ କିସମଗୁଡିକ ମଧ୍ୟରୁ କିଛି ପୁରୁଣା କିସମ ସମୟ କ୍ରମେ ଚାଷୀ ଭାଇମାନଙ୍କ ପାଖରେ ବିଶେଷ ଭାବରେ ଆଦୃତ ହୋଇଛି, ସେଗୁଡିକ ବିଷୟରେ ଏଠାରେ ଆଲୋଚନା କରାଯାଇଅଛି । ତା'ଛଡା ସଦ୍ୟ ବିକଶିତ କିସମ ଗୁଡିକ ଯେଉଁଥିରେ ଉନ୍ନତମାନର ଗୁଣ ରହିଛି, ସେଭଳି କିସମ ବିଷୟରେ ମଧ ଏଥିରେ ଉଲ୍ଲେଖ ରହିଛି, ଯାହା ଚାଷୀ ଭାଇମାନଙ୍କ ଉପକାରରେ ଆସିବ।

ପ୍ରଜନନ ଶ୍ରେଣୀର ବିହନ(ଭିତ୍ତିର ବିହନ) ଓ ବିଶ୍ୱାସ ଯୋଗ୍ୟ ବିହନ(ଟି.ଏଲ୍.ବିହନ) କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ (ସି.ଆର.ଆର.ଆଇ) ରୁ ଉପଲବ୍ଧ ହୋଇପାରିବ । ପ୍ରଜନନ ଶ୍ରେଣୀର ବିହନ ପାଇଁ ଭାରତ ସରକାରଙ୍କର କୃଷି ଓ ସମବାୟ ବିଭାଗକୁ ଅନୁରୋଧ ପତ୍ର ପଠାଇବାକୁ ପଡିଥାଏ । ସେହିପରି, ଅଳ୍ପ ପରିମାଣର ବିଶ୍ୱାସଯୋଗ୍ୟ ବିହନ ସିଧାସଳଖ ଭାବରେ ସି.ଆର.ଆର.ଆଇ ରୁ ମିଳିପାରିବ।

# ଢ଼ିପଜମିରେ ଧାନ ଚାଷ

## ବିନା ବନ୍ଧଥିବା ଢ଼ିପଜମି




**ଅଞ୍ଜଳି (ଆର୍.ଆର୍. ୩୪୭-୧୬୬):** ଅଞ୍ଜଳି ଏକ ଅତି ସହଳ କିସମ ଅଟେ, ଯାହା ୯୦ ଦିନ ଭିତରେ ଅମଳ କରାଯାଇଥାଏ। ଏହା ୨୦୦୨ ମସିହାରେ ବିହାର, ଝାଡଖଣ୍ଡ, ଓଡ଼ିଶା, ଆସାମ ଏବଂ ତ୍ରିପୁରା ରାଜ୍ୟଗୁଡିକର ଢ଼ିପଜମି ପାଇଁ ବିକଶିତ ତଥା ଅନୁମୋଦିତ ହୋଇଥିଲା। ଏହାର ଉଚ୍ଚତା ୮୫-୧୦୦ ସେ.ମି. ବିଶିଷ୍ଟ ଏବଂ ମରୁଡି ସହଣୀୟ, ସିଧା ବୁଣିବା ପାଇଁ ଉପଯୁକ୍ତ । ଏହି କିସମର ଦାନାଗୁଡିକ ଭଲ ଭାବରେ ହୃଷ୍ଟପୁଷ୍ଟ ହୋଇଥାଏ ଏବଂ ଅଗାଡି ବହୁତ କମ ହୋଇଥାଏ । ଦାନାଗୁଡିକ ଗେଡା, ମୋଟା ଏବଂ ଏହାର ଚାଉଳରୁ ତିଆରି ଭାତ ଭଲ ଗୁଣାତ୍ମକମାନର ହୋଇଥାଏ। ଏହି କିସମ ବାଦାମୀ ପତ୍ରଚିତା ରୋଗ ଏବଂ କାହାଳିଆ ପୋକକୁ ପ୍ରତିରୋଧ କରିଥାଏ। ମହିଷା, ପତ୍ରାଚ୍ଛଦପଚ୍ଚ ଆଦିରୋଗ; କାଣ୍ଡବିନ୍ଧା ପୋକ, ପତ୍ରମୋଡା ଏବଂ ଧଳାପିଠିଆ ପତ୍ରଡିଆଁ ପୋକକୁ ସୀମିତ ପରିମାଣରେ ପ୍ରତିରୋଧ କରିଥାଏ। ଏହି କିସମ ହେକ୍ଟର ପିଛା ହାରାହାରି ୩.୦-୪.୦ ଟନ୍ ପର୍ଯ୍ୟନ୍ତ ଅମଳ ଦେଇଥାଏ।



**ବନ୍ଦନା(ଆର୍ ଆର୍ ୧୬୭-୯୮୨):** ଏହା ୯୦-୯୫ ଦିନ ଭିତରେ ଅତିଶୀଘ୍ର ଅମଳ ହୋଇପାରୁଥିବା ଏକ ବିହନ କିସମ। ଯାହାକି ଝାଡଖଣ୍ଡ ରାଜ୍ୟର ଛୋଟ ନାଗପୁର ମାଳଭୂମି ପାଇଁ ୧୯୯୨ ମସିହାରେ ଏବଂ ଓଡିଶାର ଢ଼ିପଜମି ପାଇଁ ୨୦୦୨ ମସିହାରେ ବିକଶିତ ହୋଇଅଛି ଏବଂ ୨୦୦୨ ମସିହାରେ ଅନୁମୋଦିତ ହୋଇଅଛି । ଏହି କିସମରୁ ହେକ୍ଟର ପିଛା ହାରାହାରି ୩.୫ ଟନ୍ ଅମଳ ମିଳିଥାଏ।




**ହୀରା (ସି.ଆର ୪୦୪-୧-୨):** ହୀରା ଏକ ଅତ୍ୟଧିକ ସହଳ ଅମଳଯୋଗ୍ୟ କିସମ (୭୦-୭୫ ଦିନିଆ) ଅଟେ। ଏହା ଓଡିଶା ରାଜ୍ୟରେ ଚାଷ ପାଇଁ ୧୯୮୮ ମସିହାରେ ବିକଶିତ ହୋଇଥିଲା ଏବଂ ୧୯୮୯ ମସିହାରେ ଅନୁମୋଦିତ ହୋଇଥିଲା । ଏହା ଏକ ଆଂଶିକ ବାମନ କିସମ(୭୫-୮୫ ସେ.ମି. ଉଚ୍ଚତା ବିଶିଷ୍ଟ) ପ୍ରଜାତି, ଯାହାକି ବର୍ଷାଶ୍ରିତ ଉଚ୍ଚାଜମିରେ ଚାଷପାଇଁ ଉପଯୁକ୍ତ ଅଟେ । ବନ୍ୟା କ୍ଷତିଗ୍ରସ୍ତ ଜମିରେ ତୁରନ୍ତ ଆକସ୍ମିକ ଯୋଜନା ପାଇଁ ଏହି କିସମ ଅଧିକ ଉପଯୋଗୀ , କାରଣ ଏହା ଖୁବ୍ ଶୀଘ୍ର ପାଚିଥାଏ । ଏହାର ଦାନାଗୁଡିକ ଲମ୍ବା ଏବଂ ମୋଟା ହୋଇଥାଏ ଏବଂ ଏହା ମହିଷା ରୋଗ ଓ କାହାଳିଆ ପୋକର ଆକ୍ରମଣକୁ ସହିଥାଏ । ଏହି କିସମର ଏକ ବିଶେଷ ଗୁଣ ରହିଛି ଯେଉଁଥିରେ ପୃଷ୍ଟିସାର ଅଧିକ ପରିମାଣରେ (ପ୍ରାୟ ୧୨ ପ୍ରତିଶତ) ରହିଛି । ତେଣୁ ଏହା ପୋଷକ ଯୁକ୍ତ ଚାଷ ପାଇଁ ଉପଯୁକ୍ତ । ଫଳରେ ଆମ ଦେଶରେ ବିଶେଷକରି ଭାତକୁ ମୁଳଖାଦ୍ୟ ରୂପେ ବ୍ୟବହାର କରୁଥିବା ଲୋକମାନଙ୍କଠାରେ ପୃଷ୍ଟିସାର ଅଭାବଜନିତ ସମସ୍ୟାକୁ ଦୂରକରିବାରେ ସକ୍ଷମ ହୋଇଥାଏ। ଏହି କିସମ ହେକ୍ଟର ପିଛା ହାରାହାରି ୩.୦ -୪.୦ ଟନ୍ ପର୍ଯ୍ୟନ୍ତ ଅମଳ ଦେଇଥାଏ।

## ବାସନା ଧାନ

### ସି.ଆର ସୁଗନ୍ଧ ଧାନ ୯୦୭

**(ସି.ଆର ୨୬୧୭-୩-୩-୩-୧):** ଏହା ଏକ ବିଳମ୍ବ (୧୫୦ ଦିନିଆ) ଏବଂ ବାମନ ବାସନା ଧାନ(ଅଣବାସୁମତୀ) କିସମ ଅଟେ । ଛତିଶଗଡ, ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ଗୁଜରାଟ ଆଦି ରାଜ୍ୟରେ ଜଳସେଚିତ ଅଞ୍ଚଳରେ ଚାଷ ପାଇଁ ୨୦୧୨ ମସିହାରେ ଏହା ବିକଶିତ ହୋଇଥିଲା ଏବଂ ୨୦୧୩ ମସିହାରେ ଅନୁମୋଦିତ ହୋଇଥିଲା। ଏହାର ଦାନାଗୁଡିକ ସାମାନ୍ୟ ସରୁ ଏବଂ ହେକ୍ଟର ପିଛା ହାରାହାରି ୪.୫-୫.୦ ଟନ୍ ପର୍ଯ୍ୟନ୍ତ ଅମଳ ଦେଇଥାଏ। ଏହି କିସମ ବେକଷଣ୍ଢା ମହିଷା ରୋଗ ଓ କାହାଳିଆ ପୋକକୁ ସଂପୂର୍ଣ୍ଣ ପ୍ରତିରୋଧ କରିଥାଏ ଏବଂ ପତ୍ରାଚ୍ଛଦସଢ଼ା ରୋଗ ଓ ହଳଦିଆ କାଣ୍ଡବିନ୍ଧା ପୋକକୁ ମଧ୍ୟମ ଧରଣର ପ୍ରତିରୋଧ କରିଥାଏ।




### ସି.ଆର ସୁଗନ୍ଧ ଧାନ ୯୦୨

### ପୂର୍ଣ୍ଣଭୋଗ



**(ସି.ଆର ଏମ୍ ୨୨୦୩-୪):** ସି.ଆର ସୁଗନ୍ଧ ଧାନ ୯୦୨ ଏକ ବିଳମ୍ବ (୧୪୦-୧୪୫ ଦିନିଆ), ବାସନା ଧାନ (ଅଣ ବାସୁମତୀ) କିସମ ଅଟେ। ଓଡ଼ିଶାର ଜଳସେଚିତ ଖାଲୁଆ ଜମିରେ ଚାଷ କରିବା ପାଇଁ ଏହା ୨୦୧୨ ମସିହାରେ ବିକଶିତ ହୋଇଥିଲା । ଏହାର ଦାନାଗୁଡିକ ଲମ୍ବା, ସରୁ ଏବଂ ହେକ୍ଟର ପିଛା ହାରାହାରି ୪.୫ - ୫.୦ ଟନ୍ ପର୍ଯ୍ୟନ୍ତ ଅମଳ ଦେଇଥାଏ। ଏହି କିସମ ବେକଷଣ୍ଢା ମହିଷା ରୋଗ ଓ କାହାଳିଆ ପୋକକୁ ସଂପୂର୍ଣ୍ଣ ପ୍ରତିରୋଧ କରିଥାଏ ଏବଂ ପତ୍ରାଚ୍ଛଦସଢ଼ାରୋଗ, ହଳଦିଆ କାଣ୍ଡବିନ୍ଧା ପୋକକୁ ମଧ୍ୟମ ଭାବେ ପ୍ରତିରୋଧ କରିଥାଏ।

### ନୂଆ ଚିନିକାମିନୀ




**(ଆଇ.ଇ.ଟି ୧୮୩୯୪):** ଏହା ଏକ ବିଳମ୍ବ (୧୪୫-୧୫୦ ଦିନିଆ), ଡେଙ୍ଗା(୧୪୦ ସେ.ମି. ଉଚ୍ଚତା ବିଶିଷ୍ଟ) ବାସନା (ଅଣ ବାସୁମତୀ) କିସମ ଅଟେ । ଓଡ଼ିଶାର ଖାଲୁଆ ଜମିରେ ଏବଂ ବିଶେଷ କରି ବର୍ଷାଶ୍ରିତ ଖାଲୁଆ ଜମିରେ ଚାଷ ପାଇଁ ଏହା ୨୦୧୧ ମସିହାରେ ବିକଶିତ ହୋଇଥିଲା ଏବଂ ୨୦୧୪ ମସିହାରେ ଏହାର ଅନୁମୋଦିତ ହୋଇଥିଲା । ଏହାର ଦାନାଗୁଡିକ ଛୋଟ, ମୋଟା ଏବଂ ହେକ୍ଟର ପିଛା ଏହା ହାରାହାରି ୩.୫ ଟନ୍ ଅମଳ ଦେଇଥାଏ । ଏହି କିସମ ପତ୍ରାଚ୍ଛଦସଢ଼ା ରୋଗ, ଟୁଂଗ୍ରୋ ରୋଗ ଏବଂ କାହାଳିଆ ପୋକକୁ ସଂପୂର୍ଣ୍ଣ ପ୍ରତିରୋଧ କରିଥାଏ ତଥା କାଣ୍ଡବିନ୍ଧା ପୋକକୁ ମଧ୍ୟମ ଭାବେ ପ୍ରତିରୋଧ କରିଥାଏ। ଏହି କିସମକୁ କମ୍ ଦୂରତାରେ ରୋପଣ କରାଯାଇପାରିବ।

### ନୂଆ କଳାଜିରା



**(ଆଇ. ଇ.ଟି ୧୮୩୯୩):** ନୂଆ କଳାଜିରା ଏକ ବିଳମ୍ବ (୧୪୫ ଦିନିଆ), ଡେଙ୍ଗା (୧୪୦ ସେ.ମି. ଉଚ୍ଚତା ବିଶିଷ୍ଟ) ବାସନା ଧାନ(ଅଣବାସୁମତୀ) କିସମ ଅଟେ । ଓଡ଼ିଶାର ଖାଲୁଆ ଜମିରେ ଚାଷ ପାଇଁ ଏହି କିସମ ୨୦୦୮ ମସିହାରେ ବିକଶିତ ତଥା ଅନୁମୋଦିତ ହୋଇଥିଲା । ଏହାର ଦାନାଗୁଡିକ ଛୋଟ, ମୋଟା ଏବଂ ଚୋପାର ରଙ୍ଗ କଳା ଅଟେ। ହେକ୍ଟର ପିଛା ଏହା ହାରାହାରି ୩.୦ ଟନ୍ ଅମଳ ଦେଇଥାଏ । ଏହି କିସମ ଟୁଂଗ୍ରୋ ରୋଗକୁ ସଂପୂର୍ଣ୍ଣ ପ୍ରତିରୋଧ କରିଥାଏ ଏବଂ ମହିଷା ଓ ପତ୍ରାଚ୍ଛଦସଢ଼ା ରୋଗକୁ ମଧ୍ୟମ ଭାବେ ପ୍ରତିରୋଧ କରିଥାଏ। ଏହି କିସମର ଗଛଗୁଡିକୁ କମ୍ ଦୂରତାରେ ରୋପଣ କରାଯାଇପାରିବ। ଏହି କିସମକୁ 'ଜୈବିକ ଚାଷ' ରେ ଅନ୍ତର୍ଭୁକ୍ତ କରିବା ପାଇଁ ପରାମର୍ଶ ଦିଆଯାଇପାରେ।

## ଶଙ୍କର ଧାନ

### ସି ଆର୍ ଧାନ ୭୦୧



**(ସି ଆର୍ ଏଚ୍ ଆର୍ ୩୨):** ସି ଆର ଧାନ ୭୦୧ ଭାରତର ପ୍ରଥମ ବିଳମ୍ବ (୧୪୦-୧୪୫) ସଙ୍କର ଧାନ କିସମ ଅଟେ, ଯାହା ୨୦୧୦ ମସିହାରେ ବିକଶିତ ହୋଇଥିଲା ଏବଂ ୨୦୧୨ ମସିହାରେ ଅନୁମୋଦିତ ହୋଇଥିଲା । ଏହି ଶଙ୍କର କିସମକୁ ବିହାର ଓ ଗୁଜରାଟ ଆଦି ରାଜ୍ୟର ଅଗଭୀର ଖାଲୁଆ ଜମିରେ ଚାଷ କରାଯାଇପାରିବ । ଏହାର ଦାନାଗୁଡିକ ମଧମ ସରୁ ଅଟେ ଏବଂ ଏହା ହେକ୍ଟର ପିଛା ହାରାହାରି ଉତ୍ପାଦନ ୬.୦-୬.୫ ଟନ ପ୍ରର୍ଯ୍ୟନ୍ତ ଦେଇଥାଏ । ଏହା ପାଣିରେ ବୁଡିରହିଥିବା ଜମିରେ ବଢିପାରିବ ଏବଂ କମ୍ ଆଲୋକ ଅନୁଭୂତ ହେଉଥିବା ପରିସ୍ଥିତିରେ ଚାଷ ପାଇଁ ଉପଯୋଗୀ ଅଟେ । ଏହା ଟୁଂଗ୍ରୋ ରୋଗ, ପତ୍ରପୋଡା, ମହିଷା ଆଦି ରୋଗ ଏବଂ ସବୁଜ ପତ୍ରଡିଆଁ ପୋକର ଆକ୍ରମଣକୁ ସାଧାରଣ ଭାବେ ସହିଥାଏ । ଡିସେମ୍ବର ମାସରେ ଏହାକୁ ବୁଣି ରବି ଋତୁରେ ଚାଷ କରାଯାଇପାରିବ ।

### ରାଜଲକ୍ଷ୍ମୀ




**(ସି ଆର୍ ଏଚ୍ ଆର୍ -୫):** ଏହା ଏକ ମଝିଆଳୀ (୧୨୫-୧୩୫ ଦିନିଆ), ମଧମ-ବାମନ (୧୦୫-୧୧୦ ସେ.ମି.) ଚାଷୀମାନଙ୍କ ଦ୍ୱାରା ଆଦୃତ ସଙ୍କର କିସମ ଅଟେ । ଏହି କିସମଟି ଓଡ଼ିଶା ଏବଂ ଆସାମ ରାଜ୍ୟରେ ଚାଷ ପାଇଁ ୨୦୦୫ ମସିହାରେ ବିକଶିତ ଓ ରାଜ୍ୟ କିସମ ଅନୁମୋଦନ କମିଟି ଦ୍ୱାରା ଅନୁମୋଦିତ ଏବଂ ୨୦୧୦ ମସିହାରେ କେନ୍ଦ୍ରୀୟ କିସମ ଅନୁମୋଦନ କମିଟି ଦ୍ୱାରା ଅନୁମୋଦନ କରାଯାଇଛି । ତଳି ଅବସ୍ଥାରେ ଏହା ଥଣ୍ଡାର ପ୍ରକୋପକୁ ପ୍ରତିହତ କରିଥାଏ ଏବଂ ଏହାକୁ ଜଳସେଚିତ ଏବଂ ଡାଲୁଅ ଫସଲ ଭାବରେ ଚାଷ କରାଯାଇଥାଏ । ଏହି କିସମର ଦାନାଗୁଡିକ ଉତ୍କୃଷ୍ଟମାନ ବିଶିଷ୍ଟ ଲମ୍ବା, ସରୁ ଏବଂ ଏଥିରୁ ହେକ୍ଟର ପିଛା ହାରାହାରି ୭.୦-୭.୫ ଟନ୍ ପର୍ଯ୍ୟନ୍ତ ଅମଳ ମିଳିଥାଏ । ଏହି କିସମଠାରେ କାଣ୍ଡବିନ୍ଧା, ମାଟିଆଗୁଣ୍ଡି, ଧଳାପିଠିଆ ଗଛଡିଆଁ, କାହାଳିଆ ଆଦି ପୋକ ଏବଂ ମହିଷା, ପତ୍ରପୋଡା ଆଦି ରୋଗର ଆକ୍ରମଣକୁ ସହ୍ୟ କରିପାରେ । ଗଛର ପିଲ ଅବସ୍ଥାରେ ୭-୧୦ ଦିନ ପର୍ଯ୍ୟନ୍ତ ପାଣିରେ ବୁଡି ରହିବାର ସହଣୀ ଶକ୍ତି ଏହି କିସମଠାରେ ରହିଛି ।

### ଅଜୟ



**(ସି.ଆର୍. ଏଚ୍ ଆର୍ -୭):** ଅଜୟ ଏକ ମଝିଆଳୀ (୧୨୫-୧୩୫ ଦିନିଆ), ମଧମ-ବାମନ (୧୦୫-୧୧୦ ସେ.ମି.) ଅତି ଆଦୃତ ସଙ୍କର କିସମ ଅଟେ । ଏହା ଓଡ଼ିଶାର ଜଳସେଚିତ ଅଗଭୀର ଖାଲୁଆ ଜମିରେ ଚାଷପାଇଁ ୨୦୦୫ ମସିହାରେ ବିକଶିତ ହୋଇଥିଲା ଏବଂ ୨୦୦୬ ମସିହାରେ ଏହାର ଅନୁମୋଦିତ ହୋଇଥିଲା । ଏହାର ଦାନାଗୁଡିକ ଉତ୍କୃଷ୍ଟ ମାନର ଲମ୍ବା, ସରୁ ଏବଂ ହେକ୍ଟର ପିଛା ୭.୦-୭.୫ ଟନ୍ ପର୍ଯ୍ୟନ୍ତ ଅମଳ ଦେଇଥାଏ । ଏହି କିସମ ମହିଷା ରୋଗର ଆକ୍ରମଣକୁ ସଂପୂର୍ଣ୍ଣ ପ୍ରତିରୋଧ କରିଥାଏ ଏବଂ ଟୁଂଗ୍ରୋ ଭୂତାଣକୁ ଆଂଶିକଭାବେ ପ୍ରତିରୋଧ କରିଥାଏ । ଏହି କିସମଟି ପତ୍ରପୋଡା ରୋଗ, କାଣ୍ଡବିନ୍ଧା ଏବଂ ମାଟିଆଗୁଣ୍ଡି ପୋକର ଆକ୍ରମଣକୁ ସହ୍ୟ କରିଥାଏ । ଗଛର ପିଲ ଅବସ୍ଥାରେ ୭-୧୦ ଦିନ ପର୍ଯ୍ୟନ୍ତ ଯଦି ଧାନ ଜମି ପାଣିରେ ବୁଡିରହେ, ତେବେ ଏହାର ଅଭିବୃଦ୍ଧିରେ କିଛି ଅସୁବିଧା ପରିଲକ୍ଷିତ ହୁଏ ନାହିଁ ।

## ବନ୍ଧଥିବା ଢ଼ିପାଜମିରେ

### ସି.ଆର.ଧାନ-୧୦୦ (ସତ୍ୟଭାମା)



**(ସି.ଆର ୭୩୪୦-୧୧):** ଏହା ଏକ ସହଳ ପାଚୁଥିବା (୧୦୫-୧୧୦ ଦିନିଆ), ଆଂଶିକ-ବାଂଗରା (୯୫-୧୦୫ ସେ.ମି. ଉଚ୍ଚତା ବିଶିଷ୍ଟ) କିସମ ଅଟେ । ଏହା ୨୦୧୨ ମସିହାରେ ବିକଶିତ ଏବଂ ୨୦୧୩ ମସିହାରେ ଅନୁମୋଦିତ କରାଯାଇଥିଲା । ଏହାର ଦାନାଗୁଡିକ ମଧମ ସରୁ ଏବଂ ଏହି କିସମଠାରେ କବକ ଜନିତ ଧାନ ଚଷୁ କଳା ପଡିବା ରୋଗ ସହିବା ଶକ୍ତି ଥାଏ । ମରୁଡ଼ି ପରିସ୍ଥିତିରେ ଏହି କିସମ ହେକ୍ଟର ପିଛା ହାରାହାରି ୨.୮ ଟନ୍ ଏବଂ ଅନୁକୂଳ ପରିବେଶରେ ୪.୭ ଟନ୍ ଅମଳ ଦେଇଥାଏ । ପତ୍ରମୋଡା, ଆବର୍ତ୍ତ ମାଛି, ଧଳାପିଠିଆ ଗଛଡିଆଁ, କାହାଳିଆ, ବିରହା ପୋକ, ଉକୁଣିଆ ଆଦି ପୋକ ଏବଂ ପତ୍ର ମହିଷା, ଟୁଂଗ୍ରୋ ରୋଗ ବିରୁଧରେ ଏହି କିସମର ମଧମ ସହଣୀ ଶକ୍ତି ରହିଛି ।

### ସହଭାଗୀଧାନ




**(ଆର୍ ଆର୍ ୭୪୩୭୧-୭୦-୧-୧-ସି.ଆର୍.-୧):** ସହଭାଗୀ ଧାନ ଏକ ସହଳ/ପାଚୁଥିବା (୧୦୦ ଦିନିଆ), ମଧମ ବାଙ୍ଗରା (୮୫-୯୦ ସେ.ମି.) କିସମ ଅଟେ । ଏହା ୨୦୦୮ ମସିହାରେ ଝାଡଖଣ୍ଡ ଓ ଓଡ଼ିଶା ରାଜ୍ୟ ପାଇଁ ବିକଶିତ ହୋଇଥିଲା ଏବଂ ୨୦୧୧ ମସିହାରେ ଅନୁମୋଦିତ ହୋଇଥିଲା । ଏହା ମରୁଡ଼ିର ପ୍ରକୋପକୁ ସହି ପାରିଥାଏ ଏବଂ ଅନୁକୂଳ ଜଳସେଚିତ ପରିସ୍ଥିତିରେ ଅଧିକ ଅମଳ ଦେଇଥାଏ । ଏହି କିସମକୁ ଢ଼ିପଜମିରେ ବର୍ଷାଶ୍ରିତ ସିଧାବୁଣା ଏବଂ ରୁଆ ଯାଇପାରିବ । ଏହାର ଦାନାଗୁଡିକ ଲମ୍ବାକୃତି, ମୋଟା ଅଟେ ଏବଂ ଦାନାର ଚୋପାଗୁଡିକ ସୁବର୍ଣ୍ଣରଂଗର ହୋଇଥାଏ । ଏହି କିସମ ହେକ୍ଟର ପିଛା ହାରାହାରି ୩.୮ ରୁ ୪.୫ ଟନ୍ ପର୍ଯ୍ୟନ୍ତ ଅମଳ ଦେଇଥାଏ । ଏହା ମଧମ ମରୁଡ଼ି ପରିସ୍ଥିତିରେ ଲୋକପ୍ରିୟ କିସମ ଆଇ.ଆର-୬୪ ଠାରୁ ହେକ୍ଟର ପିଛା ହାରାହାରି ୦.୫ ଟନ୍ ଏବଂ କଠୋର ମରୁଡି ଅବସ୍ଥାରେ ୧.୦ ଟନ୍ ପର୍ଯ୍ୟନ୍ତ ଅଧିକ ଅମଳ ଦେଇଥାଏ । ଏହି କିସମ ପତ୍ରମହିଷା ରୋଗକୁ ସମ୍ପୂର୍ଣ୍ଣ ପ୍ରତିରୋଧ କରିଥାଏ ଏବଂ ବାଦାମୀ ପତ୍ରଚିତା ରୋଗ ଏବଂ ପତ୍ରାଚ୍ଛାଦପଚ଼ା ଆଦି ରୋଗ, କାଣ୍ଡବିନ୍ଧା, ପତ୍ରମୋଡା ଆଦି ପୋକକୁ ମଧମ ଧରଣର ପ୍ରତିରୋଧ କରିଥାଏ ।

### ସି.ଆର୍ ଧାନ ୪୦ (କାମେଶ)




**(ସି ଆର୍ ଆର୍ ୩୮୩-୨୭):** ଏହା ଏକ ସହଳ (୧୧୦ ଦିନିଆ) ଓ ମଧମ ଗେଡା (୧୦୦-୧୧୦ ସେ.ମି. ଉଚ୍ଚତା ବିଶିଷ୍ଟ) କିସମ ଅଟେ, ଯାହାକୁ ହିଡଘେରା ଢ଼ିପା ଏବଂ ବର୍ଷାଶ୍ରୀତ ଢ଼ିପା ଜମିରେ ଚାଷ କରାଯାଇପାରିବ । ଝାଡ଼ଖଣ୍ଡ ଏବଂ ମହାରାଷ୍ଟ୍ର ରାଜ୍ୟରେ ମରୁଡ଼ି ପ୍ରଭାବିତ ଅଞ୍ଚଳରେ ଚାଷ କରିବା ପାଇଁ ଏହା ୨୦୦୮ ବିକଶିତ ହୋଇଥିଲା ଏବଂ ଅନୁମୋଦିତ ମଧ ହୋଇଥିଲା । ଏହି କିସମର ଦାନାଗୁଡିକ ଛୋଟ, ମୋଟା ଏବଂ ହେକ୍ଟର ପିଛା ଏହି କିସମରୁ ହାରାହାରି ୩.୦ ରୁ ୩.୫ ଟନ୍ ପର୍ଯ୍ୟନ୍ତ ଅମଳ ମିଳିଥାଏ । ଏହି କିସମ ବାଦାମୀ ପତ୍ରଚିତା, ମହିଷା ଆଦି ରୋଗ, କାହାଳିଆ, ଧଳାପିଠିଆ, ଗଛଡିଆଁ, କାଣ୍ଡବିନ୍ଧା ଓ ପତ୍ରମୋଡା ଆଦି ପୋକର ଆକ୍ରମଣକୁ ମଧମ ଧରଣର ସହ୍ୟ କରିପାରିଥାଏ । ବର୍ଷାଶ୍ରୀତ ଢ଼ିପାଜମିରେ ସିଧାବୁଣା କରି ଚାଷ କରିବା ପାଇଁ ଏହା ଏକ ଉପଯୋଗୀ କିସମ ଅଟେ ।

## ଅନ୍ନଦା

**(ସି.ଆର୍ ୨୨୨-ଏମ୍ ଡବ୍ଲୁ ୧୦):** ଅନ୍ନଦା ଏକ ସହଳ କିସମ (୧୧୦ ଦିନିଆ) ଅଟେ, ଯାହାକି ଓଡ଼ିଶାର ଢ଼ିପାଜମିରେ ଚଷ ପାଇଁ ୧୯୮୭ ମସିହାରେ ବିକଶିତଏବଂ ଅନୁମୋଦିତ ହୋଇଥିଲା । ସେହିଭଳି ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ଆସାମ ଓ ଗୋଆ ଆଦି ରାଜ୍ୟର ଢ଼ିପାଜମିରେ ଚଷକରିବା ପାଇଁ ୧୯୮୮ ମସିହାରେ ବିକଶିତ ଓ ଅନୁମୋଦିତ ହୋଇଥିଲା । ଏକ ଏକ ମଧ୍ୟମ-ବାଙ୍ଗରା(୮୫-୯୦ ସେ.ମି. ଉଚ୍ଚତା ବିଶିଷ୍ଟ) କିସମ ଅଟେ । ଏହି କିସମ ମରୁଡିକୁ ଆଂଶିକ ରୂପେ ପ୍ରତିହତ କରିଥାଏ ଏବଂ ପାଚିଲା ସମୟରେ ତଳେ ପଡିଯାଏ ନାହିଁ । ଏହାର ଦାନାଗୁଡିକ କ୍ଷୁଦ୍ର, ମୋଟା ଏବଂ ଏହି କିସମ ହେକ୍ଟର ପିଛା ହାରାହାରି ୪.୦-୫.୦ ଟନ୍ ପର୍ଯ୍ୟନ୍ତ ଅମଳ ଦେଇଥାଏ । ମହିଷା ଓ ପତ୍ରାଚ୍ଛଦପୋଡା ଆଦି ରୋଗର ଆକ୍ରମଣ ବିରୁଦ୍ଧରେ ଏହି କିସମର ମଧ୍ୟମ ଧରଣର ସହଣୀ ଶକ୍ତି ରହିଛି ।



## ବାୟୋବୀୟ ଧାନ (ଏରୋବିକ୍ ଧାନ)

### ସି.ଆର୍ ଧାନ ୨୦୪

**(ସି.ଆର ୨୭୧୫-୧୩-ଆଇ ଆର୍ ୮୪୮୯୯-ବି-୧୫୪):** ସି ଆର ଧାନ ୨୦୪ ଏକ ମଧ୍ୟମ ବାଂଗରା, ମଧ୍ୟମ ସହଳ (୧୧୦ ଦିନିଆ) କିସମ ଅଟେ, ଯାହାକି ପାଚିବା ସମୟରେ ତଳେ ପଡ଼ିଯାଏ ନାହିଁ । କମ୍ ପରିମାଣରେ ପାଣି ମିଳୁଥିବା ଜମିରେ ଏହି କିସମକୁ ଚଷ କରାଯାଇପାରିବ । ଏହାକୁ ୨୦୧୨ ମସିହାରେ ବିକଶିତ କରାଯାଇଥିଲା ଏବଂ ଝାଡଖଣ୍ଡ ଏବଂ ତାମିଲନାଡୁରେ ଏହି କିସମକୁ ଚଷ କରିବା ପାଇଁ ୨୦୧୪ ମସିହାରେ ଅନୁମୋଦିତ କରାଯାଇଥିଲା । ଏହାର ଦାନାଗୁଡିକ ମଧ୍ୟମ ସରୁ ଏବଂ ବର୍ଗମିଟର ପିଛା ୨୮୫ଟି କେଣ୍ଡା ଦେଖିବାକୁ ମିଳେ । ଏହି କିସମ ହେକ୍ଟର ପିଛା ହାରାହାରି ୩.୯ ଟନ୍ ଅମଳ ଦେଇଥାଏ । ପତ୍ର ମହିଷା, ବେକଷଣ୍ଡା ମହିଷା, ବାଦାମି ପତ୍ରଚିତା , ପତ୍ରାଚ୍ଛଦପଚ୍ଚ ଆଦି ରୋଗ ଏବଂ କାଣ୍ଡବିନ୍ଧା (ଉଭୟ ମୃତମଂଜ ପତ୍ର ଏବଂ ଧଳାଅଗାଡି ଥିବା କେଣ୍ଡା), ପତ୍ରମୋଡା, ଆବର୍ତ୍ତ ମାଛି , ନଳୀପୋକ ଓ ଉକୁଣିଆ ଆଦିପୋକକୁ ମଧ୍ୟମ ଧରଣର ପ୍ରତିରୋଧ କରିଥାଏ ।




### ସି.ଆର ଧାନ ୨୦୨

**(ସି.ଆର ୨୭୧୫-୧୩-ଆର୍ ଆର୍ ୮୪୮୯୯-ବି-୧୫୪):** ଏହା ଏକ ମଧ୍ୟମ ବାଙ୍ଗରା , ମଧ୍ୟମ ସହଳ (୧୧୦ ଦିନିଆ) କିସମ ଅଟେ । ଝାଡ଼ଖଣ୍ଡ ଓ ଓଡ଼ିଶାର କମ୍ ପାଣିମିଳୁଥିବା ଅଞ୍ଚଳରେ ଏହାକୁ ଚଷ କରିବା ପାଇଁ ୨୦୧୨ ମସିହାରେ ଏହା ବିକଶିତ ହୋଇଥିଲା ଏବଂ ୨୦୧୪ ମସିହାରେ ଏହାର ଅନୁମୋଦନ କରାଯାଇଥିଲା । ଏହାର ଦାନାଗୁଡିକ ଛୋଟ, ମୋଟା ଏବଂ ହେକ୍ଟର ପିଛା ଏହା ହାରାହାରି ୩.୭ ଟନ୍ ଅମଳ ଦେଇଥାଏ । ଏହି କିସମ ବର୍ଗମିଟର ପିଛା ଅଧିକ କେଣ୍ଡା(୨୮୫ କେଣ୍ଡା) ଓ ସାଧାରଣ ଗଛ ପ୍ରତି ୭-୧୦ଟି ପିଲ ଦେଖାଯାଇଥାଏ । ଏହାର କେଣ୍ଡାଗୁଡିକ ମଧ୍ୟମ-ବହଳିଆ ହୋଇଥାଏ ଏବଂ କେଣ୍ଡାଗୁଡିକର ଓଜନ ମଧ୍ୟମ ଧରଣର ହୋଇଥାଏ । ମହିଷା, ବାଦାମିଦାଗ, ପତ୍ରାଚ୍ଛାଦସଢ଼ା ଆଦି ରୋଗ ଏବଂ କାଣ୍ଡବିନ୍ଧା (ଉଭୟ ମୃତ ମଂଜପତ୍ର ଓ ଧଳା ଅଗାଡ଼ି କେଣ୍ଡା), ପତ୍ରମୋଡା, ଆବର୍ତ୍ତ ମାଛି ଓ ଉକୁଣିଆ ଆଦି ପୋକର ଆକ୍ରମଣ ବିରୁଦ୍ଧରେ ଏହାର ଆଂଶିକ ସହଳଶୀଳତା ଶକ୍ତି ରହିଛି ।




### ସି.ଆର ଧାନ ୪୦୫ (ଲୁଣା ଶାଂଖୀ)

**(ସି.ଆର ୨୫୭୭-୧):** ସି ଆର ଧାନ ୪୦୫ ଏକ ସହଳ (୧୧୦ ଦିନିଆ) କିସମ ଅଟେ, ଯାହାର ବିକାଶ ୨୦୧୨ ମସିହାରେ ହୋଇଥିଲା ଏବଂ ୨୦୧୩ ମସିହାରେ ଏହା ଅନୁମୋଦନ ଲାଭ କରିଥିଲା । ଏହାକୁ ଓଡ଼ିଶାର ଉପକୂଳବର୍ତ୍ତୀ ଲୁଣୀ ଜମିରେ ଚଷ କରାଯାଇପାରିବ । ଏହାର ଦାନାଗୁଡିକ ମଧ୍ୟମ ସରୁ ଏବଂ ହେକ୍ଟର ପିଛା ୪.୬ ଟନ୍ ଅମଳ ଦେଇଥାଏ । ଏହି କିସମ ମହିଷା ରୋଗର ଆକ୍ରମଣକୁ ସହିବାର କ୍ଷମତା ରଖିଥାଏ ଏବଂ ପତ୍ରାଚ୍ଛଦପୋଡା ରୋଗକୁ ମଧ୍ୟମ ଭାବେ ପ୍ରତିରୋଧ କରିଥାଏ । ଲୁଣୀ ପ୍ରଭାବିତ ଧାନ ଜମିରେ ରବି ଋତୁରେ ଚଷ କରିବାପାଇଁ ଏହା ଏକ ଉପଯୁକ୍ତ ଧାନ କିସମ ଅଟେ ।




### ସି.ଆର ଧାନ ୪୦୩ (ଲୁଣା ସୁବର୍ଣ୍ଣା)

**(ସି.ଆର ୨୦୯୬-୭୧-୨):** ଏହା ଏକ ଡେଙ୍ଗା(୧୩୫ ସେ.ମି. ଉଚ୍ଚତା ବିଶିଷ୍ଟ), ବିଳମ୍ବ (୧୫୦ ଦିନିଆ), ଲବଣ ସହନଶୀଳ (୫.୦ ରୁ ୮.୦ ଡିଏସ୍/ଏମ୍) କିସମ ଅଟେ । ଓଡ଼ିଶାର ଉପକୂଳବର୍ତ୍ତୀ ଲବଣାସିକ୍ତ ଜମିରେ ଚଷକରିବା ପାଇଁ ଏହା ୨୦୧୦ ମସିହାରେ ବିକଶିତ ହୋଇଥିଲା ଏବଂ ୨୦୧୧ ମସିହାରେ ଅନୁମୋଦିତ ହୋଇଥିଲା । ଏହାର ଦାନାଗୁଡିକ ମଧ୍ୟମ ସରୁ ଏବଂ ହେକ୍ଟର ପିଛା ୩.୫ ରୁ ୪ ଟନ୍ ପର୍ଯ୍ୟନ୍ତ ଅମଳ ଏଥିରୁ ମିଳିଥାଏ । ଧାନ ଜମିରେ ୪୫ ସେ.ମି. ପର୍ଯ୍ୟନ୍ତ ବୁଡିରହିଥିବା ପାଣିରେ ବଢ଼ିପାରିବାର କ୍ଷମତା ଏହା ରଖିଥାଏ । ଏହି ଧାନ କିସମର ୪୦ ଦିନିଆ ତଳିକୁ ଜୁଲାଇ ୧୫ ପୂର୍ବରୁ ସଅଳ ରୋଇବା ପାଇଁ ପରାମର୍ଶ ଦିଆଯାଇଥାଏ । ଏହା ମହିଷା ରୋଗର ଆକ୍ରମଣକୁ ପ୍ରତିରୋଧ କରିପାରେ ଏବଂ ହଳଦିଆ କାଣ୍ଡବିନ୍ଧା, ମାଟିଆଗୁଣ୍ଡି, ପତ୍ରମୋଡା ଆଦି ପୋକର ଆକ୍ରମଣକୁ ସହିବାର କ୍ଷମତା ରଖିଥାଏ ।




### ସି.ଆର ଧାନ ୪୦୨ (ଲୁଣା ସମ୍ପଦ)

**(ସି.ଆର ଏଲ୍ ସି ୨୦୯୫-୧୮୧-୧):** ସି ଆର ଧାନ ୪୦୨ ଏକ ମଧ୍ୟମ ବିଳମ୍ବ (୧୪୦ ଦିନିଆ), ଡେଙ୍ଗା(୧୩୦ ସେ.ମି ଉଚ୍ଚତା ବିଶିଷ୍ଟ) ଏବଂ ଲବଣ ସହନଶୀଳ(୫.୦ ରୁ ୮.୦ ଡି.ଏସ୍.ଏମ୍) କିସମ ଅଟେ । ଓଡ଼ିଶାର ଉପକୂଳବର୍ତ୍ତୀ ଲବଣାସିକ୍ତ/ବର୍ଷାଶ୍ରିତ ଜମିରେ ଚଷପାଇଁ ଏହା ୨୦୧୦ ମସିହାରେ ବିକଶିତ ହୋଇଥିଲା ଏବଂ ୨୦୧୧ ମସିହାରେ ଅନୁମୋଦନ ଲାଭ କରିଥିଲା । ଏହାର ଦାନାଗୁଡିକ ମଧ୍ୟମ ସରୁ ଅଟେ ଏବଂ ଏହା ହେକ୍ଟର ପିଛା ୩.୬ ରୁ ୪.୨ ଟନ୍ ପର୍ଯ୍ୟନ୍ତ ଅମଳ ଦେଇଥାଏ । ଏହି କିସମ ମହିଷା ରୋଗର ଆକ୍ରମଣକୁ ପ୍ରତିରୋଧ କରିଥାଏ ଏବଂ ଟୁଂଗ୍ରୋ ରୋଗ, ପତ୍ରାଚ୍ଛଦପୋଡା ରୋଗ ଓ କାଣ୍ଡବିନ୍ଧା ପୋକକୁ ମଧ୍ୟମ ଧରଣର ପ୍ରତିହତ କରିବାର କ୍ଷମତା ରଖିଥାଏ ।



## ଦୁର୍ଗା

**(ସି ଆର୍ ୬୮୩-୧୨୩):** ଏହା ଏକ ବିଳମ୍ବ (୧୫୫ ଦିନିଆ), ଡେଙ୍ଗା(୧୨୫-୧୩୫ ସେ.ମି.) ଏବଂ ଆଲୋକ ସମ୍ବେଦନଶୀଳ କିସମ ଅଟେ । ଓଡ଼ିଶାର ଖାଲଜମିରେ ଚାଷ ପାଇଁ ୨୦୦୦ ମସିହାରେ ଏହା ବିକଶିତ ଏବଂ ଅନୁମୋଦିତ ହୋଇଥିଲା । ଏହାର ଦାନାଗୁଡିକ ମଧ୍ୟମ ସରୁ ଅଟେ ଏବଂ ଏହା ହେକ୍ଟର ପିଛା ହାରାହାରି ୪.୫ ଟନ୍ ପର୍ଯ୍ୟନ୍ତ ଅମଳ ଦେଇଥାଏ । ଏହା ପତ୍ରପୋଡା, ପତ୍ରାଚ୍ଛାଦସଢ଼ା ରୋଗ ଏବଂ ମାଟିଆ ଗୁଣ୍ଡିପୋକର ଆକ୍ରମଣକୁ ପ୍ରତିରୋଧ କରିଥାଏ । ଧାନ ବିଲରେ ଜଳସ୍ତର ଯେତିକି ବଢେ, ତଦନୁସାରେ ଏହି କିସମର କାଣ୍ଡ ବଢିଥାଏ । ପାଣି ବଢ଼ିବା ସହିତ ଏହାର କାଣ୍ଡ ମଧ ବଢ଼ିଥାଏ, ଯାହା ଫଳରେ ଏହି କିସମକୁ ଧାନ ଜମିରେ ୧୦୦ ସେ.ମି. ଉଚ୍ଚତା ବିଶିଷ୍ଟ ଜଳସ୍ତରରେ ମଧ ଚାଷ କରାଯାଇପାରେ ।




## ଗାୟତ୍ରୀ

**(ସି ଆର୍ ୨୧୦-୧୦୧୮):** ଗାୟତ୍ରୀ ଏକ ବିଳମ୍ବ (୧୬୦ ଦିନିଆ), ମଧ୍ୟମ ଡେଙ୍ଗା (୧୧୦ ସେ.ମି.), ଆଲୋକ ସମ୍ବେଦନଶୀଳ ଓ ଚାଷୀମାନଙ୍କ ଦ୍ୱାରା ଆଦୃତ କିସମ ଅଟେ । ଓଡ଼ିଶା, ପଶ୍ଚିମବଙ୍ଗ ଓ ବିହାର ରାଜ୍ୟର ଖାଲୁଆ ଜମିରେ ଚାଷ ପାଇଁ ୧୯୮୮ ମସିହାରେ ଏହା ବିକଶିତ ଓ ଅନୁମୋଦିତ ହୋଇଥିଲା । ଏହାର ଦାନାଗୁଡିକ ଛୋଟ ଓ ମୋଟା । ଏହା ହେକ୍ଟର ପିଛା ହାରାହାରି ୫ ଟନ୍ ପର୍ଯ୍ୟନ୍ତ ଅମଳ ଦେଇଥାଏ । ଅନେକ ମୁଖ୍ୟ ରୋଗ ଓ ପୋକର ଆକ୍ରମଣକୁ ଏହି କିସମଠାରେ ସହ୍ୟ କରିବାର ଗୁଣ ରହିଛି । ଧାନ ବିଲରେ ୫୦ ସେ.ମି. ପର୍ଯ୍ୟନ୍ତ ବୁଡିରହିଥିବା ଜଳସ୍ତରକୁ ସହିବାର କ୍ଷମତା ଏହା ବହନ କରିଥାଏ । ଏହି ଧାନ କିସମର ତଳିକୁ ବିଳମ୍ବରେ ରୋଇଲେ ମଧ ଅମଳ ବିଶେଷ କମେ ନାହିଁ ।




## ଉପକୂଳବର୍ତ୍ତୀ ଲବଣାସିକ୍ତ ଜମି

### ସି.ଆର ଧାନ ୪୦୬ (ଲୁଣା ବରିଆଳ)

**(ସି.ଆର ୨୦୯୨-୧୫୮-୩):** ଏହା ଏକ ବିଳମ୍ବ (୧୫୦-୧୫୫ ଦିନିଆ), ଲବଣ ସହନଶୀଳ (୫.୦-୮.୦ ଡିଏସ୍ / ଏମ୍) କିସମ ଅଟେ । ଓଡ଼ିଶାର ଉପକୂଳବର୍ତ୍ତୀ ଲୁଣା ଜମିରେ ଚାଷପାଇଁ ୨୦୧୨ ମସିହାରେ ଏହା ବିକଶିତ ହୋଇଥିଲା ଏବଂ ୨୦୧୩ ମସିହାରେ ଅନୁମୋଦିତ ହୋଇଥିଲା । ଏହାର ଦାନାଗୁଡିକ ଛୋଟ ଓ ମୋଟା ଏବଂ ହେକ୍ଟର ପିଛା ଏହା ୩.୯ ଟନ୍ ଅମଳ ଦେଇଥାଏ । ହଳଦିଆ କାଣ୍ଡବିନ୍ଧା ପୋକର ଆକ୍ରମଣକୁ ସହିବାର କ୍ଷମତା ଏହାର ଥାଏ ଏବଂ ପତ୍ରାଚ୍ଛଦପୋଡା ଓ ପତ୍ରପୋଡା ରୋଗକୁ ମଧ୍ୟମଭାବେ ଏହା ପ୍ରତିରୋଧ କରିଥାଏ ।




## ସି.ଆର.ଧାନ ୨୦୧

**(ସି.ଆର. ୨୭୨୧-୮୧-୩-ଆଇ.ଆର୍୮୩୩୦-ବି-ବି-୧୨୪-୧):** ଏହା ଏକ ଆଂଶିକ ସଅଳ(୧୧୦-୧୧୫ ଦିନିଆ), ଆଂଶିକ ବାମନ, କିସମ ଯାହାକି କମ୍ ପାଣି ମିଳୁଥିା ଜମିରେ ଚାଷ ପାଇଁ ଉପଯୋଗୀ ଏହି କିସମର ଗଛଗୁଡିକ ମଧ ତଳେ ପଡିଯାଏ ନାହିଁ । ଏହା ବିହାର, ଛତିଶଗଡ ରାଜ୍ୟରେ ଚାଷ ପାଇଁ ୨୦୧୨ ମସିହାରେ ଉଦ୍ଭାବିତ ହୋଇଥିଲଶ ଏବଂ ୨୦୧୪ ମସିହାରେ ଏହାର ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହାର ଦାନାଗୁଡିକ ଲମ୍ବା, ସରୁ ଏବଂ ଏହା ହେକ୍ଟର ପିଛା ହାରାହାରି ୩.୮ ଟନ୍ ଅମଳ ଦେଇଥାଏ । ଏହି କିସମରେ ଏକ ବର୍ଗମିଟର କ୍ଷେତ୍ରଫଳ ପାଇଁ୨୮୦ଟି କେଣ୍ଡା ଦେଖାଯାଇଥାଏ । ଏହାର କେଣ୍ଡା ଗୁଡିକ ଲମ୍ବା ଏବଂ ଘଞ୍ଚ ଅଟନ୍ତି । ଏହି କିସମ ପତ୍ରମହିଷା, ପତ୍ରାଚ୍ଛଦପଚ ରୋଗ, କାଣ୍ଡବିନ୍ଧା, ପତ୍ରମୋଡା, ତ୍ରାବର୍ତ୍ତ ମାଗଟ୍ ଏବଂ ଉକୁଣିଆ ପୋକର ଆକ୍ରମଣକୁ ଆଂଶିକରୂପେ ପ୍ରତିରୋଧ କରିଥାଏ ।




## ସି.ଆର ଧାନ ୨୦୦

**(ପ୍ୟାରୀ) ସି ଆର୍ ୨୬୨୪-ଆଇ ଆର୍ ୫୫୪୨୩-୦୧):** ଏହା ଏକ ମଧ୍ୟମ ସହଳ (୧୧୫-୧୨୦ ଦିନିଆ) ଧାନ କିସମ, ଯାହାକି ୨୦୧୨ ମସିହାରେ ଓଡ଼ିଶାରେ କମ ପାଣି ମିଳୁଥିବା ଅଞ୍ଚଳରେ ଚାଷ ପାଇଁ ବିକଶିତ କରାଯାଇଥିଲା ଏବଂ ୨୦୧୩ ଅନୁମୋଦିତ ହୋଇଥିଲା । ଏହା ଏକ ମଧ୍ୟମ ବାମନ କିସମ ଏବଂ ଏହାର ଦାନାଗୁଡିକ ଛୋଟ ଓ ମୋଟା ଅଟନ୍ତି । ଏହି କିସମ ହେକ୍ଟର ପିଛା ହାରାହାରି ୪ ଟନ୍ ଅମଳ ଦେଇଥାଏ । ଏହା ମହିଷା, ବେକଷଣ୍ଢା ମହିଷା, ବାଦାମୀ ପତଚିତା ଆଦି ରୋଗ ଓ କାଣ୍ଡବିନ୍ଧା, ପତ୍ରମୋଡା ଆଦି ପୋକର ଆକ୍ରମଣକୁ ମଧ୍ୟମ ଧରଣର ପ୍ରତିରୋଧ କରିଥାଏ ।




## ଜଳସେଚିତ ଜମି

### ସି ଆର୍ ଧାନ ୩୦୫

**(ସି ଆର୍ ୨୭୦୬):** ସି ଆର ଧାନ ୩୦୫ ଏକ ମଝିଆଳି (୧୨୫-୧୩୦ ଦିନିଆ) ଆଂଶିକ-ବାମନ କିସମ ଅଟେ, ଯାହା ବର୍ଦ୍ଧିତ ଅବସ୍ଥା ଏବଂ ପାକଳ ହେବା ଯାଏ ତଳେ ପଡିଯାଏ ନାହିଁ । ଏହି କିସମ ଝାଡଖଣ୍ଡ, ମହାରାଷ୍ଟ୍ର ଏବଂ ଆନ୍ଧ୍ରପ୍ରଦେଶର ଜଳସେଚିତ ଅଞ୍ଚଳରେ ଚାଷ କରିବା ପାଇଁ ୨୦୧୩ ମସିହାରେ ବିକଶିତ ହୋଇଥିଲା ଓ ୨୦୧୪ ମସିହାରେ ଅନୁମୋଦିତ ହୋଇଥିଲା । ଏହାର ଦାନାଗୁଡିକ ଲମ୍ବା, ସରୁ ଏବଂ ଏଥିରୁ ହେକ୍ଟର ପିଛା ହାରାହାରି ୪.୮ ଟନ୍ ଅମଳ ମିଳିଥାଏ । ଏହାର କେଣ୍ଡାଗୁଡିକ ଲମ୍ବା ଏବଂ ବହଳିଆ ଅଟେ । ଏହି କିସମ ମହିଷା, ବେକଷଣ୍ଢା ମହିଷା, ବାଦାମି ପତ୍ରଚିତା, ପତ୍ରାଚ୍ଛଦପଚ ଆଦି ରୋଗ ଏବଂ ଧଳାପିଠିଆ ଗଛଡିଆଁ, ପତ୍ରମୋଡା, ଆବର୍ତ୍ତ ମାଛି, ସବୁଜ ପତ୍ରଡିଆଁ ପୋକକୁ ମଧ୍ୟମ ଧରଣର ପ୍ରତିରୋଧ କରିଥାଏ ।



**ସି ଆର୍ ଧାନ ୩୦୪ (ସି ଆର୍ ୨୬୪୪-୨-୭-୪-୩-୨):** ଏହା ଏକ ମଝିଆଳୀ (୧୨୫-୧୩୦ ଦିନିଆ), ମଧ୍ୟମ-ବାମନ (୧୧୦ ସେ.ମି. ଉଚ୍ଚତା ବିଶିଷ୍ଟ) କିସମ, ଯାହାକି ଜଳସେଚିତ ଅଞ୍ଚଳ ପାଇଁ ଉପଯୋଗୀ କିସମ ଅଟେ । ଓଡ଼ିଶା ଏବଂ ପଶ୍ଚିମବଙ୍ଗର ଜଳସେଚିତ ଅଞ୍ଚଳରେ ଚାଷପାଇଁ ୨୦୧୩ ମସିହାରେ ଏହା ବିକଶିତ ହୋଇଥିଲା ଏବଂ ୨୦୧୪ ମସିହାରେ ଏହା ଅନୁମୋଦିତ ହୋଇଥିଲା । ଏହାର ଦାନାଗୁଡିକ ଛୋଟ, ମୋଟା ଏବଂ ଏଥିରୁ ହେକ୍ଟର ପିଛା ୫.୦-୫.୫ ଟନ୍ ପର୍ଯ୍ୟନ୍ତ ଅମଳ ମିଳିଥାଏ । ଏହି କିସମ କାହାଳିଆ ପୋକ ବାୟୋଟାଇପ୍-୧ ର ଆକ୍ରମଣକୁ ସଂପୂର୍ଣ୍ଣ ରୂପେ ପ୍ରତିରୋଧ କରିଥାଏ।



**ସି ଆର୍ ଧାନ ୩୦୩ (ସି ଆର୍ ୨୬୪୯-୭):** ସି.ଆର ଧାନ ୩୦୩ ଏକ ମଝିଆଳି (୧୨୫-୧୩୦ ଦିନିଆ) ମଧ୍ୟମ ବାମନ (୧୧୦ ସେ.ମି) କିସମ ଅଟେ, ଯାହାକି ଜଳସେଚିତ ଅଞ୍ଚଳରେ ଚାଷ ପାଇଁ ଏକ ଉପଯୋଗୀ କିସମ । ଏହା ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଏବଂ ଓଡ଼ିଶାର ଜଳସେଚିତ ଅଞ୍ଚଳରେ ଚାଷ ପାଇଁ ୨୦୧୨ ମସିହାରେ ବିକଶିତ ହୋଇଥିଲା ଏବଂ ୨୦୧୪ ମସିହାରେ ଅନୁମୋଦିତ ହୋଇଥିଲା । ଏହାର ଦାନାଗୁଡିକ ଛୋଟ, ମୋଟା ଏବଂ ହେକ୍ଟର ପିଛା ହାରାହାରି ୫.୦ ରୁ ୫.୫ ଟନ୍ ପର୍ଯ୍ୟନ୍ତ ଅମଳ ଦେଇଥାଏ । ଏହି ଧାନ କିସମଟି ମହିଷା, ବେକଷଣ୍ଢା ମହିଷା, ପତ୍ରାଚ୍ଛଦପଚା ଏବଂ ଟୁଂଗ୍ରୋ ରୋଗକୁ ମଧ୍ୟମ ରୂପେ ପ୍ରତିରୋଧ କରିଥାଏ।



**ସି ଆର୍ ଧାନ ୩୦୦ (ସି ଆର୍ ୨୩୦୧-୫):** ଏହା ଏକ ମଧ୍ୟମ ବିଳମ୍ବରେ ପାଚୁଥିବା(୧୪୦ ଦିନିଆ), ମଧ୍ୟମ ବାମନ (୧୧୦-୧୧୫ ସେ.ମି.) କିସମ ଅଟେ, ଯାହାକି ଓଡ଼ିଶା, ବିହାର, ଗୁଜରାଟ ଏବଂ ମହାରାଷ୍ଟ୍ରର ଜଳସେଚିତ ଅଗଭୀର ଖାଲୁଆ ଜମିରେ ଚାଷ ପାଇଁ ଉପଯୁକ୍ତ । ଏହାର ଦାନାଗୁଡିକ ଲମ୍ବା, ସରୁ ଏବଂ ହେକ୍ଟର ପିଛା ହାରାହାରି ୫.୦-୫.୫ ଟନ୍ ପର୍ଯ୍ୟନ୍ତ ଅମଳ ମିଳିଥାଏ । ଏହି କିସମଟି ପତ୍ରମୋଡା, ଆବର୍ତ୍ତ ମାଛିର ଆକ୍ରମଣକୁ ସଂପୂର୍ଣ୍ଣ ରୂପେ ପ୍ରତିରୋଧ କରିଥାଏ । ଧଳାପିଠିଆ, ଗଛଡିଆଁ, କାହାଳିଆ, ବିରିହା ପୋକ, ଉକୁଣିଆ ପୋକ, କାଣ୍ଡବିନ୍ଧା ଆଦି ପୋକ; ପତ୍ର ଓ ବେକଷଣ୍ଢା ମହିଷା, ପତ୍ରାଚ୍ଛଦପଚା ଏବଂ ଟୁଂଗ୍ରୋ ରୋଗର ଆକ୍ରମଣ ବିରୁଦ୍ଧରେ ଏହି କିସମର ମଧ୍ୟମ ସହନଶୀଳତା ଗୁଣ ରହିଛି।



**ଇଂପ୍ରୁଭଡ / ଉନ୍ନତ ଲଲାଟ (ସି ଆର୍ ଏମ୍ ଏ ଏସ୍ ୨୬୨୧-୭-୧):** ଏହା ଏକ ମଝିଆଳୀ(୧୩୦ ଦିନିଆ), ମଧ୍ୟମବାମନ କିସମ ଅଟେ । ଓଡ଼ିଶାର ପତ୍ରପୋଡା ରୋଗଦ୍ୱାରା ପ୍ରଭାବିତ ହେଉଥିବା ଅଞ୍ଚଳରେ ଚାଷ କରିବା ପାଇଁ ୨୦୧୨ ମସିହାରେ ବିକଶିତ ହୋଇଥିଲା ଏବଂ ୨୦୧୩ ମସିହାରେ ଏହାର ଅନୁମୋଦନ ପ୍ରକାଶ ପାଇଥିଲା । ଏହାର ଦାନାଗୁଡିକ ଲମ୍ବା, ସରୁ ଏବଂ ହେକ୍ଟର ପିଛା ୪.୫-୫.୦ ଟନ୍ ପର୍ଯ୍ୟନ୍ତ ଅମଳ ମିଳିଥାଏ । ଯେହେତୁ ଏହି କିସମ ପତ୍ରପୋଡା ରୋଗର ଆକ୍ରମଣକୁ ସଂପୂର୍ଣ୍ଣଭାବେ ପ୍ରତିହତ କରିଥାଏ, ତେଣୁ ଅଧିକ ଅମଳକ୍ଷମ ଓ ଅତି ଆଦୃତ ଲଲାଟ କିସମ ବଦଳରେ ଏହି କିସମକୁ ନିଆଯାଇପାରିବ । ଏହି କିସମ ପତ୍ରପୋଡା ରୋଗ, କାହାଳିଆ ପୋକକୁ ସଂପୂର୍ଣ୍ଣ ପ୍ରତିରୋଧ କରିଥାଏ ଏବଂ କାଣ୍ଡବିନ୍ଧା ପୋକ, ମହିଷା, ପତ୍ରାଚ୍ଛଦପଚା ଓ ଟୁଂଗ୍ରୋ ରୋଗକୁ ମଧ୍ୟମ ଧରଣର ପ୍ରତିରୋଧ କରିଥାଏ।



## ଆଂଶିକ ଗଭୀର/ଜଳାଶିକ୍ତ ଜମି

**ସି. ଆର. ଧାନ ୫୦୩(ଜୟନ୍ତୀ ଧାନ)**

**(ସି.ଆର୍ ୨୨୮୨-୧-୨-୫-୧):** ଏହା ଏକ ବିଳମ୍ବ (୧୬୦ ଦିନିଆ) କିସମ, ଯାହାକି ୨୦୧୧ ମସିହାରେ ବିକଶିତ ହୋଇଥିଲା ଏବଂ ୨୦୧୨ ମସିହାରେ ଅନୁମୋଦିତ ହୋଇଥିଲା । ଏହାର ଦାନାଗୁଡିକ ମଧ୍ୟମ ସରୁ ଏବଂ ଉତ୍ପାଦନ ହେକ୍ଟର ପିଛା ହାରାହାରି ୪.୬ ଟନ୍ । ଏହା ହଳଦିଆ କାଣ୍ଡବିନ୍ଧା, ପତ୍ରମୋଡା, ଆବର୍ତ୍ତ ମାଛି, ଉକୁଣିଆ ପୋକକୁ ସହିଥାଏ ଏବଂ ବେକ ଷଣ୍ଢା ମହିଷା, ମହିଷା, ପତ୍ରାଚ୍ଛାଦପୋଡା, ପତ୍ରାଚ୍ଛାଦପଚା ଓ ଟୁଂଗ୍ରୋ ଆଦି ରୋଗକୁ ମଧ୍ୟମ ଭାବେ ପ୍ରତିରୋଧ କରିଥାଏ । ଏକ ମିଟର ଉଚ୍ଚତା ପର୍ଯ୍ୟନ୍ତ ପାଣିରେ ବୁଡିରହିଥିବା ଜମିରେ ମଧ ଏହି କିସମଟି ବଞ୍ଚିରହିପାରେ।



**ସି ଆର୍ ଧାନ ୫୦୦**

**(ସି ଆର୍ ୨୨୮୫-୬-୬-୩୧):** ସି ଆର ଧାନ ୫୦୦ ଏକ ବିଳମ୍ବ (୧୬୦ ଦିନିଆ), ଡେଙ୍ଗା(୧୫୦ ସେ.ମି.) କିସମ ଅଟେ । ଓଡ଼ିଶା ଓ ଉତ୍ତର ପ୍ରଦେଶର ଖାଲୁଆ ଜମିରେ ଚାଷ ପାଇଁ ୨୦୧୦ ମସିହାରେ ବିକଶିତ ହୋଇଥିଲା ଏବଂ ୨୦୧୨ ମସିହାରେ ଅନୁମୋଦିତ ହୋଇଥିଲା । ଏହାର ଦାନାଗୁଡିକ ମଧ୍ୟମ ସରୁ ଓ ହାରାହାରି ଉତ୍ପାଦନ ହେକ୍ଟର ପିଛା ହାରାହାରି ୩.୩ ଟନ୍ । ଏହା ଉକୁଣିଆ ପୋକ ଓ ପତ୍ରମୋଡା ପୋକର ଆକ୍ରମଣକୁ ପ୍ରତିରୋଧ କରିଥାଏ ଏବଂ ମହିଷା, ବେକ ଷଣ୍ଢା ମହିଷା ଆଦି ରୋଗ, ଏବଂ କାହାଳିଆ, କାଣ୍ଡବିନ୍ଧା ପୋକକୁ ମଧ୍ୟମ ଭାବେ ପ୍ରତିରୋଧ କରିଥାଏ।



**ବର୍ଷାଧାନ( ସି ଆର୍ ଏଲ୍ ସି ୮୯୯):** ଏହା ଏକ ବିଳମ୍ବ (୧୬୦ ଦିନିଆ), ଡେଙ୍ଗା (୧୫୦ ସେ.ମି. ଉଚ୍ଚତା ବିଶିଷ୍ଟ) ଓ ଆଲୋକ ସମ୍ବେଦନଶୀଳ କିସମ ଅଟେ ଏବଂ ଏହାର ନଡା ଖୁବ୍ ଟାଣ ଅଟେ ଓ ଗଛଗୁଡିକ ତଳେ ପଡିଯାଆନ୍ତି ନାହିଁ । ଏହା ଓଡ଼ିଶା, ପଶ୍ଚିମବଙ୍ଗ, ଆସାମ ଆଦି ରାଜ୍ୟର ଖାଲୁଆ ଜମିରେ ଚାଷ ପାଇଁ ୨୦୦୫ ମସିହାରେ ବିକଶିତ ହୋଇଥିଲା ଏବଂ ୨୦୦୬ ମସିହାରେ ଅନୁମୋଦିତ ହୋଇଥିଲା । ଏହା ଦାନାଗୁଡିକ ଲମ୍ବା, ମୋଟା ଏବଂ ଏଥିରୁ ଉତ୍ପାଦନ ହେକ୍ଟର ପିଛା ହାରାହାରି ୪ ଟନ୍ ମିଳିଥାଏ । ଏହା ବେକଷଣ୍ଢା ମହିଷା, ପତ୍ରପୋଡା, ପତ୍ରାଚ୍ଛାଦସଢ଼ା ଆଦିରୋଗ ଏବଂ ଧଳାପିଠିଆ ଗଛଡିଆଁ ପୋକର ସହଣଶକ୍ତି କ୍ଷମତା ଧାରଣ କରିଥାଏ । ଅଧିକ ପାଣିରେ (୭୫ ସେ.ମି. ପର୍ଯ୍ୟନ୍ତ) ଅନେକ ଦିନ ପର୍ଯ୍ୟନ୍ତ ବୁଡି ରହିବାର ସହଣୀ ଶକ୍ତି ଏହି କିସମରେ ରହିଛି।



**ଶାରଳା (ସି ଆର୍ ୨୬୦-୭୭):** ଶାରଳା ଏକ ବିଳମ୍ବ (୧୬୦ ଦିନିଆ), ମଧ୍ୟମ ଉଚ୍ଚତା ବିଶିଷ୍ଟ(୧୧୦-୧୨୦ ସେ.ମି) ଓ ଆଲୋକ ସମ୍ବେଦନଶୀଳ କିସମ ଅଟେ । ଏହି କିସମର ଗଛଗୁଡିକ ତଳେ ପଡିଯାଆନ୍ତି ନାହିଁ । ଏହା ଓଡ଼ିଶାର କମ ଗଭୀରତା ବିଶିଷ୍ଟ ଧାନ ଜମି ପାଇଁ/ଉପକୂଳବର୍ତ୍ତୀ ଅଞ୍ଚଳପାଇଁ ବିକଶିତ ହୋଇଥିଲା ଏବଂ ୨୦୦୦ ମସିହାରେ ଏହା ଅନୁମୋଦିତ ହୋଇଥିଲା । ଏହାର ଦାନାଗୁଡକ ମଧ୍ୟମ ସରୁ ଏବଂ ସେଗୁଡିକର ବିହନ ସୁପ୍ତ ଅବସ୍ଥା ରହିଛି । ଏହାର ଉତ୍ପାଦନ ହେକ୍ଟର ପିଛା ହାରାହାରି ୪.୫-୫ ଟନ୍ । ଏହା ଅଧିକ ସ୍ୱାଦିଷ୍ଟ ହୋଇଥିବାରୁ ଚାଷୀଭାଇମାନଙ୍କ ଦ୍ୱାରା ଅଧିକ ଆଦୃତ ଲାଭ କରିଛି । ପଚାଷ ଦିନର ତଳିଗୁଡିକୁ ଧାନବିଲରେ ରୋପଣ କଲେ ମଧ ଏହାର ଉତ୍ପାଦକତା କମେ ନାହିଁ । ୫୦ ସେ.ମି. ପର୍ଯ୍ୟନ୍ତ ଜଳସ୍ତରକୁ ସହ୍ୟ କରିବାର ଶକ୍ତି ଏଥିରେ ରହିଛି।



## ସ୍ୱର୍ଣ୍ଣ ସବ୍-୧




**(ସି.ଆର୍ ୨୫୩୯-୧):** ସ୍ୱର୍ଣ୍ଣସବ-୧ ଏକ ବିଳମ୍ବ (୧୪୩ ଦିନିଆ), ମଧ୍ୟମ ବାମନ(୧୦୦ ସେ.ମି.) ଉଚ୍ଚତା ବିଶିଷ୍ଟ କିସମ ଅଟେ । ଓଡ଼ିଶାର ଖାଲୁଆ ଧାନ ଜମିରେ ଚାଷପାଇଁ ଏହା ୨୦୦୯ ମସିହାରେ ବିକଶିତ ଓ ଅନୁମୋଦିତ ହୋଇଥିଲା । ଅତି ପରିଚିତ ଏବଂ ପ୍ରସିଦ୍ଧ ସ୍ୱର୍ଣ୍ଣ କିସମରେ "ସବ୍-୧" ଜିନ୍ କୁ ଅନ୍ତର୍ଭୁକ୍ତ କରାଯାଇଥିବାରୁ ଏହି କିସମ ପାଣିରେ ୨ ସପ୍ତାହ ପର୍ଯ୍ୟନ୍ତ ସଂପୂର୍ଣ୍ଣ ବୁଡିରହିଥିଲେ ମଧ ଜମିରେ ବଞ୍ଚିରହିବାର କ୍ଷମତା ରଖିଥାଏ, ଫଳରେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳଗୁଡିକରେ, ଯେଉଁଠି ହଠାତ୍ ବନ୍ୟାର ପରିସ୍ଥିତି ଉପୁଜିଥାଏ, ଏହି କିସମକୁ ଚାଷ କରାଯାଇପାରିବ । ସ୍ୱର୍ଣ୍ଣକିସମ ଅପେକ୍ଷା ଏହାର କେଣ୍ଡାଗୁଡିକ ଅତି ଉଜ୍ଜ୍ୱଳ, ଦାନାଗୁଡିକ ମଧ୍ୟମ ସରୁ ଏବଂ ଏହାର ହାରାହାରି ଉତ୍ପାଦାନ ହେକ୍ଟର ପିଛା ୫-୫.୫ ଟନ୍ ଅଟେ । ଜମିରେ ଅଧିକାଂଶ ରୋଗ ଓ ପୋକଗୁଡିକୁ ସହିବାର କ୍ଷମତା ଏଥିରେ ରହିଛି ।

## ପୂଜା




**(ସି.ଆର୍ -୬୨୯-୨୫୬):** ଏହା ଏକ ବିଳମ୍ବ (୧୫୦ ଦିନିଆ) ଏବଂ ବାମନ(୯୦-୯୫ ସେ.ମି.) କିସମ ଅଟେ, ଯାହା ଚାଷୀମାନଙ୍କ ପାଖରେ ଖୁବ୍ ଆଦୃତ । ଏହା ଓଡ଼ିଶା, ଆସାମ, ମଧ୍ୟପ୍ରଦେଶ ଏବଂ ପଶ୍ଚିମବଙ୍ଗ ରାଜ୍ୟ ଗୁଡିକର ଅଗଭୀର ଖାଲୁଆ ଜମିରେ ଚାଷ ପାଇଁ ୧୯୯୯ ମସିହାରେ ବିକଶିତ ତଥା ଅନୁମୋଦିତ ହୋଇଥିଲା । ଏହାର ଦାନାଗୁଡିକ ମଧ୍ୟମ ସରୁ ଏବଂ ଉତ୍ପାଦନ ହେକ୍ଟର ପିଛା ହାରାହାରି ୫ ଟନ୍ । ଏହି କିସମ କ୍ଷେତରେ ପ୍ରାୟ ସମସ୍ତ ରୋଗ ଓ ପୋକଗୁଡିକର ଆକ୍ରମଣକୁ ସହିବାର କ୍ଷମତା ବହନ କରିଥାଏ । ଏହା ପଚିଶ ସେଣ୍ଟିମିଟର ପର୍ଯ୍ୟନ୍ତ ପାଣିରେ ବୁଡି ରହିଲେ ମଧ ବଞ୍ଚିପାରିବ । ଏହାର ଅନ୍ୟ ଏକ ବିଶେଷତ୍ୱ ହେଉଛି ଏହାର ତଳି କିଛିଦିନର ବୁଢ଼ା ହେଲେ ମଧ ଡେରିରେ ରୁଆଯାଇପାରିବ ଏବଂ ଉତ୍ପାଦନରେ ବିଶେଷ କ୍ଷତି ହେବ ନାହିଁ ।

## ସାବିତ୍ରୀ / ପୋନ୍ମଣୀ




**(ସି.ଆର୍ ୧୦୦୯) (ସି ଆର୍ ୨୧୦-୧୦୦୯):** ସାବିତ୍ରୀ ଏକ ବିଳମ୍ବ (୧୫୦-୧୫୫ ଦିନିଆ), ଅତି ଆଦୃତ କିସମ ଅଟେ, ଯାହା ତାମିଲନାଡୁ ରାଜ୍ୟର ଅଗଭୀର ଖାଲୁଆ ଜମିରେ ଚାଷ କରିବା ପାଇଁ ୧୯୮୨ ମସିହାରେ ବିକଶିତ କରାଯାଇଥିଲା ଏବଂ ୧୯୮୩ ମସିହାରେ ଅନୁମୋଦିତ ହୋଇଥିଲା । ଏହାର ଦାନାଗୁଡିକ ଛୋଟ ଓ ମୋଟା ଅଟେ । ଏହାର ଦାନାରୁ ଚାଉଳ ଭଲ ଭାବେ ମିଳିଥାଏ ଏବଂ ଖାଇବା ପାଇଁ ଏହି କିସମ ସ୍ୱାଦିଷ୍ଟ ଅଟେ । ପାରଂପାରିକ ଦକ୍ଷିଣଭାରତୀୟ ଖାଦ୍ୟ ଯଥା : ଇଡ୍‌ଲୀ ଏବଂ ଦୋଷା ତିଆରି ପାଇଁ ଏହି କିସମର ଚାଉଳକୁ ପସନ୍ଦଯୋଗ୍ୟ ଭାବେ ବ୍ୟବହାର କରାଯାଇଥାଏ । ମେଘୁଆ ପରିବେଶରେ ମଧ ଏହି କିସମରେ ଅଧିକ ଆଲୋକ-ସଶ୍ଳେଷଣର କ୍ଷମତା ରହିଛି । ହେକ୍ଟର ପିଛା ଏହି କିସମରୁ ୫.୦ ଟନ୍ ଅମଳ ମିଳିଥାଏ । ମହିଷା ଏବଂ ପତ୍ରାଚ୍ଛଦପୋଡା ଆଦି ରୋଗର ଆକ୍ରମଣକୁ ଏହି କିସମ ସହ୍ୟ କରିବାର କ୍ଷମତା ରଖିଥାଏ ।

## ଇଂପ୍ରୁଭଡ ତପସ୍ୱିନୀ




**(ସି ଆର୍ ଏମ୍ ଏ ଏସ୍ ୨୬୨୨-୭-୬):** ଉନ୍ନତ ତପସ୍ୱିନୀ ଏକ ମଝିଆଳୀ(୧୩୦ ଦିନିଆ), ବାଙ୍ଗରା (୯୦ ସେ.ମି ଉଚ୍ଚତା ବିଶିଷ୍ଟ) କିସମ ଅଟେ । ପତ୍ରପୋଡା ରୋଗ ଦ୍ୱାରା ପ୍ରଭାବିତ ହେଉଥିବା ଓଡ଼ିଶା ରାଜ୍ୟର ଧାନଜମିଗୁଡିକରେ ଚାଷ ପାଇଁ ଏହି କିସମ ୨୦୧୨ ମସିହାରେ ବିକଶିତ ହୋଇଥିଲା ଏବଂ ୨୦୧୩ ମସିହାରେ ଏହା ଅନୁମୋଦିତ ହୋଇଥିଲା । ଯେହେତୁ ପତ୍ରପୋଡା ରୋଗର ଆକ୍ରମଣକୁ ଏହି କିସମ ସଂପୂର୍ଣ୍ଣ ପ୍ରତିରୋଧ କରିବାରେ ସକ୍ଷମ ହୋଇଥାଏ, ଏହାକୁ 'ତପସ୍ୱିନୀ' କିସମ ବଦଳରେ ନିଆଯାଇପାରିବ, କାରଣ 'ତପସ୍ୱିନୀ' କିସମ ପତ୍ରପୋଡା ରୋଗର ଆକ୍ରମଣକୁ ସହ୍ୟ କରିପାରେ ନାହିଁ । ଏହାର ଦାନାଗୁଡିକ ଛୋଟ, ମୋଟା ଏବଂ ଏହା ହେକ୍ଟର ପିଛା ୪.୦-୫.୦ ଟନ୍ ଅମଳ ଦେଇଥାଏ । ଏହି କିସମଟି ମୁଖ୍ୟ ପୋକ ଯଥା :-ମାଟିଆଗୁଣ୍ଡି ପୋକ, ହଳଦିଆ କାଣ୍ଡବିନ୍ଧା, ଧଳା ପିଠିଆ ଗଛଡିଆଁ ପୋକକୁ ସମ୍ପୂର୍ଣ୍ଣ ପ୍ରତିରୋଧ କରିଥାଏ ଏବଂ କାଣ୍ଡବିନ୍ଧା ପୋକକୁ ମଧ୍ୟମ ଧରଣର ପ୍ରତିରୋଧ କରିଥାଏ ।

## ସି.ଆର.ଧାନ ୮୦୧




**(ସି.ଆର ଏ ସି ୨୨୨୪-୧୦୪୧):** ଏହା ଏକ ମଧ୍ୟମ ସହଳ (୧୧୫-୧୨୦ ଦିନିଆ), ମଧ୍ୟମ-ବାମନ, ଦ୍ୱିଅଗୁଣିତ (Double haploid) କିସମ ଅଟେ । ଓଡ଼ିଶା ରାଜ୍ୟର ଜଳସେଚିତ ଜମିରେ ଏହି କିସମକୁ ଚାଷ କରିବା ପାଇଁ ୨୦୧୦ ମସିହାରେ ବିକଶିତ କରାଯାଇଥିଲା ଏବଂ ୨୦୧୧ ମସିହାରେ ଏହାର ଅନୁମୋଦିତ ହୋଇଥିଲା । ଏହାର ଦାନାଗୁଡିକ ଲମ୍ବାକୃତି ଏବଂ ଏହା ହେକ୍ଟର ପିଛା ୫.୦-୬.୦ ଟନ୍ ଅମଳ ଦେଇଥାଏ । ଏହି କିସମଠାରେ ମହିଷା ରୋଗ, କାହାଳିଆ, ପତ୍ରମୋଡା ଆଦି ପୋକକୁ ସଂପୂର୍ଣ୍ଣ ପ୍ରତିରୋଧ କରିବାର ଗୁଣ ରହିଥାଏ । ଅଧିକନ୍ତୁ, ଏହା ପତ୍ରାଚ୍ଛଦପଚା, ଟୁଂଗ୍ରୋ ଭୂତାଣୁ, ବାଦାମି ପତ୍ରଚିତା, ପତ୍ରପୋଡା ଆଦି ରୋଗ ଏବଂ କାଣ୍ଡବିନ୍ଧା, ମାଟିଆ ଗୁଣ୍ଡି, ଧଳା ପିଠିଆ ଗଛଡିଆଁ, ଘାସୁଆ ପତ୍ରଡିଆଁ ପୋକକୁ ମଧ୍ୟମ ରୂପେ ପ୍ରତିରୋଧ କରିଥାଏ ।

## ସି.ଆର.ଧାନ ୧୦ (ସତ୍ୟକ୍ରିଷ୍ଣ)



**(ସି.ଆର୍ ଏସି ୨୨୨୧-୪୩):** ସି.ଆର.ଧାନ ୧୦ କିସମ ଏକ ମଝିଆଳୀ (୧୩୫ ଦିନିଆ), ମଧ୍ୟମ-ବାମନ(୧୦୫ ସେ.ମି. ଉଚ୍ଚତା ବିଶିଷ୍ଟ) ଦ୍ୱିଅଗୁଣିତ (Double haploid) କିସମ ଅଟେ । ଓଡ଼ିଶା ରାଜ୍ୟର ଜଳସେଚିତ ଓ ଅଳ୍ପଗଭୀର ଖାଲୁଆ ଜମିରେ ଚାଷ କରିବା ପାଇଁ ଏହି କିସମକୁ ୨୦୦୮ ମସିହାରେ ବିକଶିତ କରାଯାଇଥିଲା ଏବଂ ୨୦୧୧ ମସିହାରେ ଅନୁମୋଦନ ହୋଇଥିଲା । ଏହା ଦାନାଗୁଡିକ ଲମ୍ବାକୃତି ଏବଂ ଏହା ହେକ୍ଟର ପିଛା ହାରାହାରି ୫.୦-୬.୦ ଟନ୍ ପର୍ଯ୍ୟନ୍ତ ଅମଳ ଦେଇଥାଏ । ଏହି କିସମ ମହିଷା, ପତ୍ରଛଦା ସଢ଼ା ରୋଗକୁ ସମ୍ପୂର୍ଣ୍ଣ ପ୍ରତିରୋଧ କରିଥାଏ । ଏତଦବ୍ୟତୀତ, ଏହା ହଳଦିଆ କାଣ୍ଡବିନ୍ଧା ଓ କାହାଳିଆ ପୋକକୁ ଆଂଶିକ ରୂପେ ପ୍ରତିରୋଧ କରିଥାଏ । ଏହି କିସମର ଧାନଗଛ ଗୁଡିକରେ କମ୍ ପିଲ ହୋଇଥାଏ, ସେଥିପାଇଁ କମ୍ ଦୂରତାରେ (ବର୍ଗମିଟର ପିଛା ୫୦ ବୁଦାରୁ ଅଧିକ ) ଧାନ ବୁଦାଗୁଡିକୁ ରୋଇବା ପାଇଁ ପରାମର୍ଶ ଦିଆଯାଇଥାଏ ।

## ନବୀନ

**(ସି ଆର୍ ୭୪୯-୨୦-୨):** ଏହା ଏକ ମଧ୍ୟମ ସହଳ (୧୧୫-୧୨୦ ଦିନିଆ), ମଧ୍ୟମ-ବାମନ(୧୦୫ ସେ.ମି. ଉଚ୍ଚତା ବିଶିଷ୍ଟ) କିସମ ଅଟେ । ଏହି କିସମକୁ ଓଡ଼ିଶା, ପଶ୍ଚିମବଙ୍ଗ, ତ୍ରିପୁରା ଓ ଆନ୍ଧ୍ରପ୍ରଦେଶର ଢ଼ିପଜମି ଏବଂ ଜଳସେଚିତ ଅଞ୍ଚଳରେ ଚାଷ କରିବା ପାଇଁ ୨୦୦୫ ମସିହାରେ ବିକଶିତ କରାଯାଇଥିଲା ଏବଂ ୨୦୦୬ ମସିହାରେ ଅନୁମୋଦନ ହୋଇଥିଲା । ଏହାର ଦାନାଗୁଡିକ ମଧ୍ୟମ ଟାଣ ଅଟେ । ଖରିଫ୍ ଋତୁରେ ଏହି କିସମ ହେକ୍ଟର ପିଛା ହାରହାରି ୪.୦-୫.୦ ଟନ୍ ଏବଂ ରବି ଋତୁରେ ୫.୦-୬.୦ ଟନ୍ ପର୍ଯ୍ୟନ୍ତ ଅମଳ ଦେଇଥାଏ । ଏହି କିସମଠାରେ ମହିଷା ଏବଂ ବାଦାମି ପତ୍ରଚିତା ରୋଗକୁ ସଂପୂର୍ଣ୍ଣ ପ୍ରତିରୋଧ କରିବାର ଗୁଣ ରହିଥାଏ।




## ଶତାବ୍ଦୀ

**(ସି ଆର୍ ୧୪୬-୭୦୨୭-୨୨୪):** ଶତାବ୍ଦୀ ଏକ ମଧ୍ୟମ ସହଳ (୧୨୦ ଦିନରେ ଅମଳ ହୋଇପାରୁଥିବା), ମଧ୍ୟମ ବାଙ୍ଗରା କିସମ ଅଟେ । ଏହି କିସମଟି ପଶ୍ଚିମ ବଙ୍ଗର ଜଳସେଚିତ ଅଞ୍ଚଳରେ ଚାଷ କରିବା ପାଇଁ ୨୦୦୦ ମସିହାରେ ବିକଶିତ ତଥା ଅନୁମୋଦିତ ହୋଇଥିଲା । ଏହି କିସମରେ ଅତି ଉତ୍ତମ ଗୁଣବତ୍ତା ମାନର ଲମ୍ବାକୃତି ସରୁ ଦାନାଗୁଡିକ ଥାଏ ଏବଂ ହେକ୍ଟର ପିଛା ୪.୦-୫.୦ ଟନ୍ ପର୍ଯ୍ୟନ୍ତ ଅମଳ ମିଳିଥାଏ । ଏହି କିସମ ପତ୍ରପୋଡା, ପତ୍ରାଚ୍ଛଦପୋଡା ଏବଂ ପତ୍ରାଚ୍ଛଦପଚା ରୋଗର ଆକ୍ରମଣକୁ ମଧ୍ୟମ ଭାବରେ ପ୍ରତିରୋଧ କରିଥାଏ । ଏହି କିସମରେ ଋତୁଗତ ଅନୁକୂଳଶୀଳତା ଥିବା ହେତୁ ସମସ୍ତ ଋତୁରେ ଚାଷ କରିବାରେ ଅସୁବିଧା ନାହିଁ । ଅତିଶୀଘ୍ର ଅମଳ ହୋଇପାରୁଥିବାରୁ ଏବଂ ପ୍ରାକ୍-ମୌସୁମୀ ବାୟୁଜନିତ ବର୍ଷା ପୂର୍ବରୁ ଅମଳ ହୋଇଯାଉଥିବାରୁ ଏହା ଡାଲୁଅ ଚାଷ କରିବା ପାଇଁ ଅତି ଉପଯୋଗୀ ଅଟେ । ଏହି କିସମଟିକୁ ଅନ୍ୟ ଡାଲୁଆ/ବୋରୋ କିସମ ବଦଳରେ ନିଆଯାଇପାରିବ।




## କ୍ଷୀତିଶ

**(ସି ଆର୍ ୧୪୬-୪୦୨୧-୨୦୭):** ଏହା ଏକ ମଧ୍ୟମ ସହଳ(୧୧୫-୧୨୦ ଦିନିଆ), ମଧ୍ୟମ ବାମନ (୮୦-୧୦୦ ସେ.ମି. ଉଚ୍ଚତା ବିଶିଷ୍ଟ) ଅଧିକ ଅମଳକ୍ଷମ କିସମ ଅଟେ । ଏହି କିସମ ପଶ୍ଚିମବଙ୍ଗର ଜଳସେଚିତ ଅଞ୍ଚଳରେ ଚାଷ କରିବା ପାଇଁ ୧୯୮୨ ମସିହାରେ ବିକଶିତ ହୋଇଥିଲା ଏବଂ ୧୯୮୪ ମସିହାରେ ଏହାର ଅନୁମୋଦନ ପାଇଥିଲା । ଏହି କିସମର ଗଛଗୁଡିକରେ ଅଧିକ ପିଲ ଦେଇଥାଏ ଏବଂ ଦାନାଗୁଡିକ ସରୁ ଲମ୍ବାକୃତି ଅଟେ। ହେକ୍ଟର ପିଛା ଏହି କିସମରୁ ୪.୫-୫.୦ ଟନ୍ ପର୍ଯ୍ୟନ୍ତ ଅମଳ ମିଳିଥାଏ । ଏହି କିସମ ମହିଷା ଏବଂ ପତ୍ରପୋଡା ରୋଗକୁ ମଧ୍ୟମ ରୂପେ ପ୍ରତିରୋଧ କରିଥାଏ । ଡାଲୁଅ ଚାଷ ପାଇଁ ମଧ୍ୟ ଏହି କିସମଟି ଉପଯୁକ୍ତ ଅଟେ।



## ବୋରୋ/ ଡାଲୁଅ ଧାନ

### ସି.ଆର.ଧାନ ୬୦୧

**(ସି.ଆର.ଜି ୧୧୯୦-୧):** ଏହି କିସମ ବୋରୋ ଚାଷ ପାଇଁ(୧୬୦-୧୬୫ ଦିନିଆ) (ନଭେମ୍ବର-ଡିସେମ୍ବର ତଳିଘରାରେ ବୁଣାପାଇଁ) ଏବଂ ଖରାଦିନିଆ ଡାଲୁଅ ଓ ବର୍ଷାଦିନିଆ ଚାଷପାଇଁ ସହଳ-ମଧ୍ୟମ କିସମ ଭାବେ(୧୨୫-୧୩୦ ଦିନିଆ) ବିକଶିତ ହୋଇଅଛି । ଏହା ମଧ୍ୟମ ବାମନ ଉଚ୍ଚତା ବିଶିଷ୍ଟ (୯୦-୧୦୦ ସେ.ମି.), ଯାହାର ଗଛଗୁଡିକ ପାଚିବା ଅବସ୍ଥାରେ ତଳେ ପଡିଯାଆନ୍ତି ନାହିଁ। ୨୦୧୧ ମସିହାରେ ଏହା ବିକଶିତ ଏବଂ ଅନୁମୋଦିତ ହୋଇଥିଲା । ଆସାମ, ଓଡ଼ିଶା, ପଶ୍ଚିମବଙ୍ଗ ଭଳି ରାଜ୍ୟରେ ଏହା ଚାଷ ପାଇଁ ଉପଯୁକ୍ତ । ଏହି କିସମଠାରେ ଥଣ୍ଡା ସହିବାର କ୍ଷମତା ରହିଛି । ଏହାର ଦାନାଗୁଡିକ ମଧ୍ୟମ ସରୁ, ଏହାର ଚାଉଳ ସଫା ଧଳାରଙ୍ଗର, କେଣ୍ଡାଗୁଡିକ ଲମ୍ବା ଏବଂ ପତ୍ରଗୁଡିକ ମୋଟା ଓ ସିଧା ଉପରକୁ ଉଠିଥାଏ । ଏହାର ଉତ୍ପାଦନ ହେକ୍ଟର ପିଛା ହାରାହାରି ୫ ଟନ୍। ଏହି କିସମ ମହିଷା ରୋଗ ଓ ଟୁଂଗ୍ରୋ ଭୂତାଣକୁ ମଧ ପ୍ରତିରୋଧ କରିଥାଏ। ହଳଦିଆ କାଣ୍ଡବିନ୍ଧା ପୋକ, ସବୁଜ ପତ୍ରଡିଆଁ ପୋକ ଏବଂ ପତ୍ରମୋଡା ଆଦି ପୋକ ବିରୁଦ୍ଧରେ ଏହି କିସମର ମଧ୍ୟମ ସହନଶୀଳ ଶକ୍ତି ରହିଛି।



### ସି.ଆର୍ ବୋରୋ ଧାନ ୨ (ଚନ୍ଦନ)

**(ସି.ଆର୍-୮୯୮):** ସି ଆର ବୋରୋ ଧାନ ୨ ଏକ ମଝିଆଳୀ କିସମ(୧୨୫ ଦିନିଆ), ମଧ୍ୟମ ବାମନ କିସମ ଅଟେ । ଓଡ଼ିଶାର ଡାଲୁଅ ଧାନ ଚାଷ ପାଇଁ ଏହା ବିକଶିତ ହୋଇଥିଲା ଏବଂ° ୨୦୦୮ ମସିହାରେ ଏହାର ଅନୁମୋଦନ ହୋଇଥିଲା । ଏହାର ଦାନାଗୁଡିକ ମଧ୍ୟମ ସରୁ ଏବଂ ହେକ୍ଟର ପିଛା ହାରାହାରି ୫.୫-୬.୦ ଟନ୍ ଉତ୍ପାଦନ ଦେଇଥାଏ । ଏହି କିସମ ହଳଦିଆ କାଣ୍ଡବିନ୍ଧା, ମାଟିଆଗୁଣ୍ଡି ଆଦି ପୋକ ମହିଷା, ପତ୍ରପୋଡା ଏବଂ ପତ୍ରାଚ୍ଛାଦପୋଡା ଆଦି ରୋଗକୁ ସହିବାର କ୍ଷମତା ରଖିଥାଏ।




## ଅଗଭୀର ଖାଲୁଆଜମି

### ସି ଆର୍ ଧାନ ୪୦୧ (ରୀତା)

**(ସି ଆର୍ ୭୮୦-୧୯୩୭-୧-୩):** ଏହା ଏକ ବିଳମ୍ବ ଧାନ କିସମ (୧୪୫-୧୫୦ ଦିନିଆ) ଏବଂ ମଧ୍ୟମ ବାମନ ଉଚ୍ଚତା ବିଶିଷ୍ଟ(ଗଛର ଉଚ୍ଚତା ୧୧୦ ସେ.ମି.) କିସମ ଅଟେ। ଏହା ୨୦୧୦ ମସିହାରେ ବିକଶିତ ହୋଇଥିଲା ଏବଂ ୨୦୧୧ ମସିହାରେ ଏହାର ଅନୁମୋଦିତ ହୋଇଥିଲା । ଓଡ଼ିଶା, ପଶ୍ଚମବଙ୍ଗ, ତାମିଲନାଡୁ, ଆନ୍ଧ୍ରପ୍ରଦେଶର ଅଗଭୀର ଖାଲୁଆ ଜମିରେ ଚାଷ କରିବା ପାଇଁ ଏହା ଏକ ଉପଯୁକ୍ତ କିସମ ଅଟେ । ଏହାର ଦାନାଗୁଡିକ ମଧ୍ୟମ ସରୁ ଏବଂ ଉତ୍ପାଦନ ହେକ୍ଟର ପିଛା ହାରାହାରି ୫.୫ ଟନ୍ । ଏହା ମହିଷା, ପତ୍ରାଚ୍ଛାଦପଚା, ପତ୍ରାଚ୍ଛାଦପୋଡା, ବାଦାମି ପତ୍ରଚିତା ଆଦି ରୋଗ ଏବଂ କାଣ୍ଡବିନ୍ଧା, ପତ୍ରମୋଡା ଆଦି ପୋକକୁ ସହିବାର କ୍ଷମତା ରଖିଥାଏ। ଏହାର ଏକ ସପ୍ତାହ ପର୍ଯ୍ୟନ୍ତ ପାଣି ଭିତରେ ବୁଡିରହିଥିବାର ସହଣୀ ଶକ୍ତି ରହିଛି।

